
ମାଙ୍ଗାଲୁରୁରେ ବିକ୍ଷୋଭକାରୀଙ୍କ ସହ ପୋଲିସର ସଂଘର୍ଷ।



ଦିଲ୍ଲୀର ମଣ୍ଡିହାଉସ୍‌ରେ ବିକ୍ଷୋଭବେଳେ ନିଜ ହାତକୁ ଦଉଡ଼ିରେ ବାନ୍ଧିଛନ୍ତି ଆନ୍ଦୋଳନକାରୀ।


ବାରାଣସୀରେ ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିମାଡ଼।

## ବିରୋଧୀଙ୍କ ଅଭିଯୋଗ: ନିଆଁରେ ଘିଅ ଢାଳୁଛି କେନ୍ଦ୍ର

# ଦେଶରେ ଅଘୋଷିତ ଜରୁରୀ ପରିସ୍ଥିତି

ନୂଆଦିଲ୍ଲୀ,୧୯।୧୨
(ପି.ଟି./ଆଇଏଏନ୍‌ଏସ୍)

ନୂଆ ନାଗରିକତ୍ୱ ଆଇନ ବିରୋଧୀ ବିକ୍ଷୋଭ ଦେଶବ୍ୟାପୀ ଆନ୍ଦୋଳନର ରୂପ ନେଇସାରିଛି। ଉତ୍ତର-ପୂର୍ବାଞ୍ଚଳରେ ଉଠିଥିବା ନିଆଁ ପଶ୍ଚିମବଙ୍ଗ ପରେ ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଓ ଦକ୍ଷିଣ ଭାରତରେ ଭୟାବହ ସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ କେନ୍ଦ୍ର କ୍ୟାବିନେଟର ଅନ୍ୟ ସଦସ୍ୟଙ୍କ ମନ୍ତବ୍ୟ ଏହି ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିଛି। ଭାଜପା ଓ କେନ୍ଦ୍ର ସରକାର ଦେଶରେ ଅଘୋଷିତ ଜରୁରୀ ପରିସ୍ଥିତି ସୃଷ୍ଟି କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଦିଲ୍ଲୀରେ ରହୁଥିବା କେରଳୀ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିଏଏକୁ ନେଇ ଜାତିସଂଘ ତତ୍ତ୍ୱାବଧାନରେ ଜନମତ ସଂଗ୍ରହ ପାଇଁ କେନ୍ଦ୍ରକୁ ଆହ୍ୱାନ ଦେଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ନିଜ ରାଜ୍ୟରେ ସିଏଏକୁ ଲାଗୁ କରାଇଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଭାଜପା ସାରା ଦେଶରେ କଶ୍ମୀର ଭଳି ସ୍ଥିତି ସୃଷ୍ଟି କରିଛି ବୋଲି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ସମାଲୋଚନା କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ନିଜ ଦେଶର ନାଗରିକଙ୍କ ପାଇଁ ସୁରକ୍ଷା ଆଲର୍ଟ ଜାରି କରାଯାଇଛି। ସ୍ଥିତି ସମୀକ୍ଷା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଜରୁରୀ ବୈଠକ ଡାକିଥିଲେ। ତେବେ ଶେଷ ମୁହୂର୍ତ୍ତରେ ତାକୁ ବାତିଲ କରିଦିଆଯାଇଛି।


ଡି. ରାଜା


ଯୋଗେନ୍ଦ୍ର ଯାଦବ



ସୀତାରାମ ୟେଚୁରୀ

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧକରି ଗୁରୁବାର ମୁମ୍ବାଇରୁ ନେଇ ବେଙ୍ଗାଲୁରୁ ଓ କେରଳରୁ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ହିଂସ୍ର ଆନ୍ଦୋଳନ ହୋଇଛି। ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ସବୁଠୁ ବେଶି ହିଂସା ଦେଖିବାକୁ ମିଳିଛି। ଲକ୍ଷ୍ନୌର ପରିବର୍ତ୍ତନ ଚୌକରେ ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ସହ ପୋଲିସକୁ ଟେକାମାଡ଼ କରିଛନ୍ତି ବିକ୍ଷୋଭକାରୀ। ସିଏଏ ପ୍ରତ୍ୟାହାର ଦାବିରେ ସେମାନେ ୨୦ ବାଇକ୍, ୧୦ କାର୍, ୩ ବସ୍ ଏବଂ ମିଡିଆର ୪ଟି ଓବି ଭ୍ୟାନ୍‌ରେ ନିଆଁ ଲଗାଇ ଜାଳିଦେଇଛନ୍ତି। ଏଭଳି କାଣ୍ଡ ଭିଆଇବା ଅଭିଯୋଗରେ ଅଦ୍ୟାବଧି ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜରୁରୀ ବୈଠକରେ ସ୍ଥିତି ସମୀକ୍ଷା କରିବା ପରେ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ହିଂସା ଭିଆଉଥିବା ଲୋକଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନାଗରିକତ୍ୱ ଆଇନକୁ ନେଇ ଦିଲ୍ଲୀରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ଗୁରୁବାର ଦିଲ୍ଲୀ ପୋଲିସ କହିଛି। ରାଜଧାନୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆର୍‌ଏଏଫ୍ ସମେତ ୫୨ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଗୁଜବ ରୋକିବା ପାଇଁ କେତେକ ସ୍ଥାନରେ ଇଣ୍ଟରନେଟ ସେବାକୁ ବନ୍ଦ କରାଯିବା ସହ ହ୍ୱାଟ୍ସଆପ୍ ଓ ଅନ୍ୟ ସୋସିଆଲ ମିଡିଆ ଗ୍ରୁପ୍ ଉପରେ କଡ଼ା ନଜର ରଖାଯାଇଛି। ଗୁଜବ ଓ ମିଥ୍ୟା ଖବର ପ୍ରସାରକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦିଲ୍ଲୀ ପୋଲିସର ଲୋକସମ୍ପର୍କ ଅଧିକାରୀ ମନ୍‌ଦୀପ ସିଂ ରାନ୍ଧୱା ସୂଚନା ଦେଇଛନ୍ତି। କଂଗ୍ରେସ ନେତା ଅଜୟ ମାକେନ ଓ ତାଙ୍କ ପରିବାର, ସନ୍ଦୀପ ଦୀକ୍ଷିତଙ୍କ ସହ ତାଙ୍କ ସ୍ତ୍ରୀ ଓ ଭଉଣୀ ଏବଂ ଦଳର ସଂଖ୍ୟାଲଘୁ ସେଲ୍ ମୁଖ୍ୟ ନଦିମ୍ ଜାଭେଦଙ୍କୁ ଅଟକ ରଖାଯାଇଛି। ଏସବୁ ମଧ୍ୟରେ ଭାଜପା ଦେଶରେ କଶ୍ମୀର ମଡେଲକୁ ଆପଣାଇ ଅଘୋଷିତ ଜରୁରୀ ପରିସ୍ଥିତି କାର୍ଯ୍ୟକାରୀ କରୁଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ବରିଷ୍ଠ କଂଗ୍ରେସ ନେତା ଅଭିଷେକମନୁ ସିଂଘଭି କହିଛନ୍ତି, ୧୪୪ ଧାରାର ଅପବ୍ୟବହାର କରି କଂଗ୍ରେସ ନେତାମାନଙ୍କୁ ହାଜତକୁ ନିଆଯାଉଛି। ଭାଜପା ଜନସାଧାରଣଙ୍କ କଥାକୁ ଶୁଣି ସିଏଏକୁ ପ୍ରତ୍ୟାହାର କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବେଙ୍ଗାଲୁରୁ ଟାଉନ୍ ହଲ୍ ନିକଟରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ୫୦୦ ଲାଠିଧାରୀ ପୋଲିସ ମୁତୟନ ହୋଇଛନ୍ତି। ବେଙ୍ଗାଲୁରୁ ସେଣ୍ଟ୍ରାଲରେ ଐତିହାସିକ ରାମଚନ୍ଦ୍ର ଗୁହାଙ୍କ ସମେତ ଅନେକ ସାମାଜିକ କର୍ମୀଙ୍କୁ ଅଟକ ରଖାଯାଇଛି। କର୍ନାଟକର ଅନେକ ସ୍ଥାନରେ ଆସନ୍ତା ୨୨ ତାରିଖ ରାତି ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଚେନ୍ନାଇରେ ମାଡ୍ରାସ୍ ୟୁନିଭର୍ସିଟି ଛାତ୍ରୀଛାତ୍ର ବିକ୍ଷୋଭ କରୁଥିବାବେଳେ ତାମିଲନାଡୁର ଅନେକ ସହରରେ ସିଏଏ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ସେହିପରି ବାମପନ୍ଥୀଙ୍କ ଦେଶବ୍ୟାପୀ ଆନ୍ଦୋଳନ ବେଳେ ଦିଲ୍ଲୀର ମଣ୍ଡି ହାଉସ୍‌ରେ ସିପିଆଇ ନେତା ଡି. ରାଜା, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ବୃନ୍ଦା କରାଟ୍, ନୀଲୋତ୍ପଳା ବସୁଙ୍କ ଭଳି ନେତାଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି। ଲାଲକିଲ୍ଲାରେ ଛାତ୍ର ନେତା ଉମର ଖାଲିଦ ଓ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବଙ୍କୁ ଅଟକ ରଖାଯାଇଛି। ଏହାକୁ ନେଇ ମୋଦି ସରକାର ଲୋକଙ୍କ ସହ ଯୁଦ୍ଧ ଘୋଷଣା କରିଥିବା ଗୁଜରାଟର ଦଳିତ ନେତା ଜିଗ୍ନେଶ ମେୱାନୀ ଟୁଇଟ୍ କରିଛନ୍ତି। ଦିଲ୍ଲୀରେ ୧୯ ଇଣ୍ଡିଗୋ ବିମାନ ଚଳାଚଳକୁ ରଦ୍ଦ କରିଦିଆଯାଇଥିବାବେଳେ ୧୬ଟି ବିମାନକୁ ବିଳମ୍ବିତ କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଦେଶରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଛି। କେନ୍ଦ୍ର ସରକାର ସିଏଏକୁ ପ୍ରତ୍ୟାହାର କରନ୍ତୁ।

**ନାଗରିକତ୍ୱ ଆଇନ ପ୍ରତ୍ୟାହାର କର**

- ୟେଚୁରୀ, ଡି. ରାଜା, ବୃନ୍ଦା କରାଟ୍‌ଙ୍କ ସମେତ ଶତାଧିକ ଅଟକ
- ରାମଚନ୍ଦ୍ର ଗୁହା, ସନ୍ଦୀପ ଦୀକ୍ଷିତ, ଅଜୟ ମାକେନଙ୍କୁ ବି ଅଟକ ରଖିଛି ପୋଲିସ
- ଲକ୍ଷ୍ନୌରେ ବ୍ୟାପକ ଜଳାପୋଡ଼ା, ପୋଲିସକୁ ଟେକାମାଡ଼
- ଦିଲ୍ଲୀରେ ବିମାନ, ଇଣ୍ଟରନେଟ ସେବା ବାଧାପ୍ରାପ୍ତ
- ସୁରକ୍ଷା ଅଲର୍ଟ ଜାରି କଲା ଆମେରିକା ଦୂତାବାସ

## ଗଣଭୋଟ ପାଇଁ ମମତାଙ୍କ ଆହ୍ୱାନ

କୋଲକାତା,୧୯।୧୨



ନୂଆ ନାଗରିକତ୍ୱ ଆଇନକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ଜାତିସଂଘ ତତ୍ତ୍ୱାବଧାନରେ ଏହା ଉପରେ ଗଣଭୋଟ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶାସକ ଦଳ ଭାଜପାକୁ ଆହ୍ୱାନ ଦେଇଛନ୍ତି। କୋଲକାତାରେ ଏକ ବିଶାଳ ରାଲିକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି, ଯଦି ଭାଜପାର ସତ୍‌ସାହସ ଥାଏ, ତେବେ ସଂଶୋଧିତ ନାଗରିକତ୍ୱ ଆଇନ ଏବଂ ଏନ୍‌ଆର୍‌ସି ଉପରେ ଜାତିସଂଘ ତତ୍ତ୍ୱାବଧାନରେ ଗଣଭୋଟ ପାଇଁ ଆଗେଇ ଆସୁ। ଯଦି ଏଥିରେ ଭାଜପା ହାରିଯାଏ ତେବେ ସରକାରରୁ ଓହରିଯିବାକୁ ମମତା ଆହ୍ୱାନ ଦେଇଛନ୍ତି। ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ପଶ୍ଚିମବଙ୍ଗରେ ଟିଏମ୍‌ସି ଜୋର୍‌ଦାର ଆନ୍ଦୋଳନ ଚଳାଇଛି।


ଲକ୍ଷ୍ନୌର ପରିବର୍ତ୍ତନ ଚୌକରେ ବିକ୍ଷୋଭ ବେଳେ ପୋଲିସକୁ ଟେକାମାଡ଼।

## ବିହାର ବନ୍ଦ ବେଳେ ହିଂସା

ପାଟନା,୧୯।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରିବା ପ୍ରସ୍ତାବର ବିରୋଧ କରି ବାମଦଳଗୁଡ଼ିକ ପକ୍ଷରୁ ଗୁରୁବାର ବିହାର ବନ୍ଦ ଡାକରା ଦିଆଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଏହା ହିଂସାତ୍ମକ ରୂପ ନେଇଥିଲା। ୧୨ ଘଣ୍ଟିଆ ବନ୍ଦରେ ପପ୍ପୁ ଯାଦବଙ୍କ ଜନ ଅଧିକାର ପାର୍ଟି (ଜେଏପି), ପୂର୍ବତନ ବଲିଉଡ୍ ଡିଜାଇନର ମୁକେଶ ସାହନିଙ୍କ ବିକାଶଶୀଳ ଇନ୍‌ସାନ ପାର୍ଟି (ଭିଆଇପି) ଭଳି କେତେକ ଛୋଟ ଦଳ ସାମିଲ ହୋଇଥିଲେ। ଆର୍‌ଜେଡି ସିଧାସଳଖ ବନ୍ଦରେ ସାମିଲ ହୋଇ ନ ଥିଲେ ହେଁ ଏହାକୁ ନୈତିକ ସମର୍ଥନ ଜଣାଇଥିଲା। ଏହି ଦଳ ୨୧ ତାରିଖରେ ଭାରତ ବନ୍ଦ ଡାକରା ଦେଇଛି। ଗୁରୁବାର ବନ୍ଦ ବେଳେ ଜେଏପି କର୍ମୀମାନେ ବସ୍ କାର ଭଙ୍ଗାରୁଜା କରିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ବିକ୍ଷୋଭକାରୀ ରେଳଲାଇନରେ ବସିରହିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।


ପାଟନାରେ ପପ୍ପୁ ଯାଦବଙ୍କ ଅଭିନବ ପ୍ରଦର୍ଶନ।

## ସିଏଏ, ଏନ୍‌ଆର୍‌ସି ଲାଗୁ ହେବ: ନଡ୍ଡା



ନୂଆଦିଲ୍ଲୀ,୧୯।୧୨(ପି.ଟି.)

ନାଗରିକତ୍ୱ ଆଇନକୁ ବିରୋଧ କରି ସାରା ଦେଶରେ ନିଆଁ ଜଳୁଥିବାବେଳେ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ସେଥିରେ ଘିଅ ଢାଳିଛନ୍ତି। ନୂଆ ନାଗରିକତ୍ୱ ଆଇନ (ସିଏଏ) ଲାଗୁ ହେବା ସହ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସାରା ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି ନଡ୍ଡା ଶିଖ୍ ଶରଣାର୍ଥୀଙ୍କୁ ଭେଟିବା ଅବସରରେ କହିଛନ୍ତି। ଆଫଗାନିସ୍ତାନରୁ ପଳାଇଆସିଥିବା ଏହି ଶରଣାର୍ଥୀ ନୂଆ ଆଇନ ବଳରେ ଭାରତୀୟ ନାଗରିକ ହୋଇପାରିବେ। ଭୋଟବ୍ୟାଙ୍କ ରାଜନୀତି ପାଇଁ ଆନ୍ଦୋଳନ ଚଳାଇଥିବା ବିରୋଧୀ ଦଳଗୁଡିକୁ ସେ ନିନ୍ଦା କରିଛନ୍ତି।


ଦିଲ୍ଲୀର ମଣ୍ଡିହାଉସ୍‌ରେ ବିକ୍ଷୋଭକାରୀମାନେ ପୋଲିସକୁ ଗୋଲାପ ଉପହାର ଦେଉଛନ୍ତି।

## 'ସିଏଏକୁ ସମର୍ଥନ କରିଥିଲେ ମନମୋହନ'

### ୨୦୦୩ ବକ୍ତବ୍ୟର ଭିଡିଓ ପୋଷ୍ଟ କଲା ଭାଜପା

ନୂଆଦିଲ୍ଲୀ,୧୯।୧୨(ପି.ଟି.)



ସିଏଏକୁ ନେଇ କେନ୍ଦ୍ର ସରକାର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଜୋର୍‌ଦାର ବିରୋଧର ସମ୍ମୁଖୀନ ହେବା ପରେ ଭାଜପା ଗୁରୁବାର ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂଙ୍କ ୨୦୦୩ ବକ୍ତବ୍ୟର ଏକ ଭିଡିଓ ପୋଷ୍ଟ କରିଛି। ବାଂଲାଦେଶ ଭଳି ପଡୋଶୀ ଦେଶରୁ ଆସି ଭାରତରେ ରହୁଥିବା ସଂଖ୍ୟାଲଘୁମାନଙ୍କୁ ନାଗରିକତ୍ୱ ପ୍ରଦାନରେ ଉଦାରତା ପୋଷଣ କରିବା ସପକ୍ଷରେ ମନମୋହନ ସେତେବେଳେ ରାଜ୍ୟ ସଭାରେ ଉଦ୍‌ବୋଧନ ଦେଇଥିଲେ। ଦେଶ ବିଭାଜନ ପରେ ପଡୋଶୀ ଦେଶରେ ସଂଖ୍ୟାଲଘୁ ଧର୍ମୀୟ ଉତ୍ପୀଡନର ଶିକାର ହୋଇଥିଲେ। ଭାରତର ଶରଣ ନେଇଥିବା ସେହି ଲୋକଙ୍କ ପ୍ରତି ନୈତିକ ଆନୁଗତ୍ୟ ଦେଖାଇବା ଆମର କର୍ତ୍ତବ୍ୟ। ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବାରେ ସର୍ବାଧିକ ବଦାନ୍ୟତା ପ୍ରଦର୍ଶନ କରାଯିବା ଉଚିତ ବୋଲି ମନମୋହନ କହୁଥିବା ଭିଡିଓରେ ଦେଖାଯାଇଛି। ରାଜ୍ୟ ସଭା ଉପାଧ୍ୟକ୍ଷ ନଜମା ହେପତୁଲ୍ଲା ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କୁ କହିଥିଲେ ପାକିସ୍ତାନରେ ମଧ୍ୟ ସଂଖ୍ୟାଲଘୁ ଉତ୍ପୀଡ଼ନର ଶିକାର ହେଉଛନ୍ତି। ସେମାନଙ୍କ ଯତ୍ନ ନିଆଯିବା ଆବଶ୍ୟକ।

### ଶାହାଙ୍କୁ ଡାୟାରଙ୍କ ସହ ତୁଳନା କଲା ଏନ୍‌ସିପି

ସିଏଏ ବିରୋଧୀ ଆନ୍ଦୋଳନକୁ ଚପାଇଦେବା ଲାଗି ପୋଲିସ କାର୍ଯ୍ୟାନୁଷ୍ଠାନକୁ ଏନ୍‌ସିପି ନେତା ନୱାବ ମଲିକ ନିନ୍ଦା କରିଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଜେନେରାଲ ଡାୟାରଙ୍କ ସହ ତୁଳନା କରିଛନ୍ତି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଜାଲିଆନାୱାଲା ବାଗ୍ ଗଣହତ୍ୟା ସହ ତୁଳନା କରିଥିବାବେଳେ ମଲ୍ଲିକ ସେଥିରେ ସ୍ୱର ମିଳାଇଛନ୍ତି। ୧୯୧୯ ଏପ୍ରିଲ ୧୩ରେ ବ୍ରିଟିଶ ସେନା ଅଧିକାରୀ ରେଜିନାଲ୍ଡ ଡାୟାର ଅମୃତସରର ଜାଲିଆନାୱାଲାବାଗ୍ ଜନ ସମାବେଶ ଉପରକୁ ଗୁଳି ଚଳାଇବାକୁ ଯବାନମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା।

## କେନ୍ଦ୍ର, ଦିଲ୍ଲୀ ସରକାରଙ୍କୁ ହାଇକୋର୍ଟ ନୋଟିସ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ବେଳେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ଘଟିଥିବା ହିଂସାକାଣ୍ଡର ତଦନ୍ତ ପାଇଁ ବିଚାର ବିଭାଗୀୟ କମିଶନ ଗଠନ ନିମନ୍ତେ ଦାବି ହୋଇଛି। ଏଭଳି ଏକାଧିକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଗୁରୁବାର କେନ୍ଦ୍ର, ଏଏପି ସରକାର ଏବଂ ପୋଲିସକୁ ଜବାବ ମାଗିଛନ୍ତି। ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଓ ବିଚାରପତି ସି. ହରିଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ ଜରୁରୀ କାର୍ଯ୍ୟାନୁଷ୍ଠାନରୁ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା ଲାଗି ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ମନା କରିବା ସହ ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୪କୁ ଧାର୍ଯ୍ୟ କରିଛନ୍ତି।

- ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାକୁ ମନା କଲେ ଖଣ୍ଡପୀଠ
- 'ଲଜ୍ଜା' ସ୍ଲୋଗାନ ଦେଲେ ଓକିଲ

ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ମନା କରିଦେଇ ବିଚାରପତିମାନେ ଡାଏସ୍‌ରୁ ଉଠିଯିବାରୁ ପିଟିଶନ ଦାଏର କରିଥିବା ଓକିଲମାନେ 'ଲଜ୍ଜା ଲଜ୍ଜା' ସ୍ଲୋଗାନ ଦେଇଥିଲେ ଓ ଅନ୍ୟ ଆଇନଜୀବୀମାନେ ଏଥିରେ ସ୍ୱର ମିଳାଇଥିଲେ। ବିଚାରପତିଙ୍କ ବିରୋଧରେ କୋର୍ଟରୁମ୍‌ରେ ଏଭଳି ସ୍ଲୋଗାନ ଦିଆଯିବା ପ୍ରଥମ ଘଟଣା।

ଜାମିଆ ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ୬ଟି ପିଟିଶନ ଦାଏର ହୋଇଥିଲା। ଆଇନଜୀବୀ, ଜେଏମ୍‌ଆଇ ଛାତ୍ର, ଓଖଲାର ବାସିନ୍ଦା ଏବଂ ଜାମା ମସ୍‌ଜିଦର ଇମାମଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇ ଆନ୍ଦୋଳନକାରୀ ଛାତ୍ରଙ୍କୁ ଗିରଫରୁ ସୁରକ୍ଷା ଦେବା ସହ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ଓ କ୍ଷତିପୂରଣ ଦାବି କରିଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପଶି ନିରୀହ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଏତଲା ଦାଏର ସମେତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

# ପ୍ରକଳ୍ପ ଥାଇ ବି ପାଉନାହାନ୍ତି ପାଣି

ଡୁବୁରୀ,୧୯।୧୨(ଡିଏନଏ)

ତ୍ରୁଟିପୂର୍ଣ୍ଣ ନିର୍ମାଣ ସାଙ୍ଗକୁ ବିଭାଗୀୟ ଅବହେଳା ଓ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ସୁକିନ୍ଦା ବ୍ଲକ ଅଞ୍ଚଳର ଅନେକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ବର୍ଷ ବର୍ଷ ଧରି ପଡିରହିଛି। ଫଳରେ ଲୋକେ ଏଥିରୁ ସୁଫଳ ପାଇବାରୁ ବଞ୍ଚିତ ହୋଉଛନ୍ତି। ବାରମ୍ବାର ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହାର ସମାଧାନ ଦିଗରେ କୌଣସି ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବ୍ଲକ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୁକିନ୍ଦା ବ୍ଲକର ଆଦିବାସୀ ଅଧ୍ୟୁଷିତ ସଂସାଇଲୋ ପଞ୍ଚାୟତର ପାଟପୁର ଓ ଶ୍ରୀରାମପୁରଠାରେ ୧କୋଟି ଟଙ୍କା ବ୍ୟୟରେ ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ହେଁ ବିଭିନ୍ନ କାରଣରୁ ବର୍ଷ ବର୍ଷ ଧରି ତାହା କାର୍ଯ୍ୟକ୍ଷମ ହୋଇ ନ ପାରି ପଡିରହିଛି। ଶ୍ରୀରାମପୁରଠାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ୧୮।୩।୨୦୧୮ରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଶ୍ରୀରାମପୁର, ପଣସପାଳ, ହୁଡିସାହି ଓ ସୋରିଷାପଦାର କିଛି ଅଞ୍ଚଳର ଲୋକେଙ୍କ ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ କାର୍ଯ୍ୟକ୍ଷମ ହେବାର ପ୍ରଥମ ଦିନରେ ହିଁ ତାହା ଅଚଳ ହୋଇପଡିଥିଲା। ନିର୍ମାଣ କରାଯାଇଥିବା ପାଣି ଟାଙ୍କିରୁ ପାଣି ନିର୍ଗତ ହେବାରୁ ତାହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ମରାମତି କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ହେଲେ ଇତି ମଧ୍ୟରେ ମରାମତି କାମ ଦୀର୍ଘ ଦିନ ହେଲା ସରି ଯାଇଥିଲେ ହେଁ ଅଦ୍ୟାବଧି ତାହାକୁ କାର୍ଯ୍ୟକ୍ଷମ କରାଯାଇ ନାହିଁ। ସେହିପରି ପାଟପୁରଠାରେ ନିର୍ମାଣ କରାଯାଇଥିବା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ମାତ୍ର ୩୪ଦିନ ମଧ୍ୟରେ ଅଚଳ ହୋଇପଡିଛି। ପ୍ରକଳ୍ପରେ ବିଛା ଯାଇଥିବା ପାଇପ୍ ଫାଟିଯିବା ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଥିଲା ଓ ପରବର୍ତ୍ତୀ ସମୟରେ ତାହାକୁ ମରାମତି କରିବା ଦିଗରେ ବିଭାଗ ପକ୍ଷରୁ ଅବହେଳା କରାଯିବାରୁ ଜନଅସନ୍ତୋଷର କାରଣ ପାଲଟିଛି। ଏହି କାର୍ଯ୍ୟରେ ନିୟୋଜିତ ଠିକାଦାର ନିମ୍ନମାନର ପାଇପ ବିଛାଇ କାର୍ଯ୍ୟ କରିଥିବାରୁ ଏପରି ଅବସ୍ଥା ହୋଇଥିବା ନେଇ ପରବର୍ତ୍ତୀ ସମୟରେ ଅଞ୍ଚଳବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମଧୁସୂଦନ ମହାନ୍ତ, ନନ୍ଦ କିଶୋର ମହାନ୍ତ, ସୁରସିଂ ହେମ୍ବ୍ରମ, ସିଙ୍ଗରାଇ ବାନରା, ସୁବାସ ବାନରା, ଚକ୍ରଧର ମୁଣ୍ଡୁରୀ, କାମ ମୁର୍ମୁ, ଚକ୍ରଧର ଜାରିକା, ବୁଡାନ ସିଂ ବାନରା, ନାଗେଶ୍ୱର ଶୁଣ୍ଡି, ତୁଳସୀ ମହାନ୍ତ ପ୍ରମୁଖ ଅଞ୍ଚଳବାସୀ ଏଥିପାଇଁ ବିଭାଗୀୟ ଉଦାସୀନତାକୁ ଦାୟୀ କରିଛନ୍ତି। ତୁରନ୍ତ ଏହି ୨ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେଲେ ଆଗାମୀ ଦିନରେ ଏହାକୁ ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ୪୦ ଲକ୍ଷ ଟଙ୍କାରେ ନିର୍ମିତ ଡୁବୁରୀ ପାନୀୟଜଳ ପ୍ରକଳ୍ପ ଥାଇ ମଧ ନ ଥିବା ଭଳି ହୋଇଛି। ୨ଲକ୍ଷ ଲିଟର ପାଣି ଗଚ୍ଛିତ ପାଇଁ ଏଠାରେ ବ୍ୟବସ୍ଥା ଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ମୁଖ୍ୟ ପାଇପ୍ ଫାଟି ଯାଇଥିବାରୁ ଅଞ୍ଚଳର ସମସ୍ତ ସ୍ଥାନକୁ ଜଳ ଯୋଗାଣ ସମ୍ଭବ ହୋଉନାହିଁ। ତାଛଡା ଏଠାରେ ସ୍ଥାୟୀ ପମ୍ପ ଡ୍ରାଇଭର ନ ଥିବାରୁ ଜଣେ ଅସ୍ଥାୟୀ ପମ୍ପ ଡ୍ରାଇଭର ଶଙ୍କର୍ଷଣ ନାୟକ ବର୍ଷାଧିକ କାଳ ହେଲା ଡ୍ୟୁଟି କରୁଥିଲେ ମଧ୍ୟ ଆରଡବ୍ଲ୍ୟୁଏସଏସ ପକ୍ଷରୁ ତାଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ତାଛଡା ପମ୍ପ ହାଉସ ଘର, ପାଚେରି ଓ ଫାଟକ ଭାଙ୍ଗିରୁଜି ଯାଇଥିବାରୁ ତାହାର ମରାମତି କରିବା ପାଇଁ ସ୍ଥାନୀୟ ସରପଞ୍ଚ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ହେଁ ଅଦ୍ୟାବଧି ତାହା ସମ୍ଭବ ହୋଇପାରି ନ ଥିବା ସରପଞ୍ଚ ଦଶରଥ ବେହେରା ଅଭିଯୋଗ କରିଛନ୍ତି। ଏନେଇ ଆରଡବ୍ଲ୍ୟୁଏସ୍‌ଏସ୍‌ର ଯନ୍ତ୍ରୀ ଏ.ଆର. ଶତପଥୀଙ୍କୁ ପଚାରିବାରୁ, ପାଟପୁର ଓ ଶ୍ରୀରାମପୁର ପ୍ରକଳ୍ପ ଦ୍ୱୟର ମରାମତି କାମ ପୂର୍ଣ୍ଣାଙ୍ଗ ହୋଇଥିବାବେଳେ ଡୁବୁରୀ ପ୍ରକଳ୍ପରେ ନୂତନ ପାଇପ ବିଛା କାମ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଥିବା ପ୍ରସ୍ତାବ ଅନୁମୋଦନ ହେଲେ ସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।



**ସୁକିନ୍ଦା ବ୍ଲକ**

- ପାଟପୁର ଓ ଶ୍ରୀରାମପୁରରେ କାର୍ଯ୍ୟକ୍ଷମ ହୋଇନି ୨ ମେଗା ଜଳ ପ୍ରକଳ୍ପ
- ନିମ୍ନମାନର କାର୍ଯ୍ୟ ଯୋଗୁ ଅଚଳ

# ସ୍ତ୍ରୀଙ୍କୁ ମାଡ଼ ମାରି ଯବାନ ଗିରଫ

କୋରେଇ,୧୯।୧୨(ସ୍ୱ.ପ୍ର)

ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପାଣିକୋଇଲି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଭଡ଼ା ନେଇ ରହୁଥିବା କେନ୍ଦ୍ରାପଡା ଥାନା ବାଘୁଣି ତେରମା ଗ୍ରାମର ଭ୍ରମରବର ସ୍ୱାଇଁ (୪୬) ଜଣେ ସୈନିକ ଭାବେ କାର୍ଯ୍ୟ କରନ୍ତି। ସେ ଘରକୁ ଆସିଲେ ମଦ୍ୟପାନ କରିବା ସହ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ମାଡ଼ ମାରନ୍ତି। ବାରମ୍ବାର ଏଭଳି ଘଟିବା ସହ ବୁଧବାର ସେ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ସ୍ତ୍ରୀ ନିଜ ଜୀବନ ବଞ୍ଚାଇବା ପାଇଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଭ୍ରମରବର ଥାନାରେ ପହଞ୍ଚି ମଧ୍ୟ ଉନ୍ମତ୍ତ କାଣ୍ଡ ଭିଆଇଥିଲେ। ଏହାପରେ ପୋଲିସ ଭ୍ରମରବରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡି ଜେଲ ପଠାଇ ଦିଆଯାଇଛି।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୦୪.୦୧.୨୦୨୦ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୦୭.୦୧.୨୦୨୦ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| ମିର୍‌ଗାନଗୁଡା ଶାଖା, ମିର୍‌ଗାନଗୁଡା, ଜିଲ୍ଲା: ନବରଙ୍ଗପୁର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୀମାଞ୍ଚଳ ଗାମ୍ପା, ଫୋନ୍: ୮୦୯୩୫୯୦୭୫୬ | | | |
| ୧. | **ବିପିନ ବିହାରୀ ଶତପଥୀ,** ପିତା: ଶରତ ଚନ୍ଦ୍ର ଶତପଥୀ, ସା.: ଏକମ୍ବା, ଥାନା: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୩୧୫୨** | ଟ.୯୮,୬୨୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୪.୮୦୦ |
| ୨. | **କି. ଗୋପି କ୍ରୀଷ୍ଣା,** ପିତା: କି. ଭାସ୍କର ରାଓ, ସା.: ନିଉ ଟ୍ୟାଙ୍କ ଷ୍ଟ୍ରିଟ୍, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୫୧୭୦** | ଟ.୨,୩୮,୫୫୦/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭୦.୨୦୦ |
| ୩. | **ରଶ୍ମିତା ବୁନ୍ଦୁ,** ସ୍ୱାମୀ: ତୁଷାରକାନ୍ତ ପରିଡା, ସା.: ଗାଦବାଗୁଡା, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୬୪୩୬, ୨୮୪୯୦୬୧୦୦୦୫୮୩୫** | ଟ.୧,୨୬୫/- + ଟ.୨,୮୪,୧୪୭/- ମୋଟ: ଟ.୨,୮୫,୪୧୨/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୫୮୦ |
| ମୈତ୍ରୀ ବିହାର ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୁବ୍ରତ କୁମାର ନାୟକ, ଫୋନ୍: ୭୬୬୭୫୩୯୨୯୬ | | | |
| ୪. | **ଶରତ କୁମାର ପାଣିଗ୍ରାହୀ,** ଫ୍ଲାଟ୍ ନଂ.: ସି-୨୦୬, ବ୍ରାଇଟ୍ ରେସିଡେନ୍ସି, ଜଗନ୍ନାଥ ନଗର, ରୋଡ୍ ନଂ.: ୧୨, ଜିଜିପି କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / **୧୮୩୯୦୬୧୦୦୦୯୫୩୬** | ଟ.୧,୭୪,୫୫୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୦୦୦ |
| ଛତ୍ରପୁର ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ସ୍ନିଗ୍ଧାରାଣୀ ମଙ୍ଗରାଜ, ଫୋନ୍: ୭୯୭୮୬୩୨୮୫୨ | | | |
| ୫. | **ଶ୍ରୀ ଚିତ୍ତ ରଞ୍ଜନ ବେହେରା,** ପିତା: ବିପିନ ଚନ୍ଦ୍ର ବେହେରା, ସା.: ତଡାପଲ୍ଲୀ ଷ୍ଟ୍ରିଟ୍, ପୋ./ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୧୭୬** | ଟ.୯୧,୭୬୫/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୨.୦୦୦ |
| ୬. | **ଅଶ୍ୱିନ କୁମାର ଗୌଡ,** ପିତା: ରମେଶ ଚନ୍ଦ୍ର ଗୌଡ, ସା/ପୋ.: ପୋଡାପଦର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୨୬୮** | ଟ.୬୯,୩୩୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୪୬.୦୦୦ |
| ୭. | **ଦେବରାଜ ନାୟକ,** ପିତା: କମା ନାୟକ, ଗଙ୍ଗାପୁର, ପଟଲାମପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୮୪୯୦** | ଟ.୪୧,୯୪୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୫୦୦ |
| ୮. | **ତ୍ରିନାଥ ପାଲ,** ପିତା: ଶରତ ଚନ୍ଦ୍ର ପାଲ, ସା.: ଶାନ୍ତି ନଗର, ୪ର୍ଥ ଲେନ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୭୨୦୨** | ଟ.୧,୩୫,୧୮୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୯୧୦ |
| ୯. | **ଏନ୍. ଶିବ ପ୍ରସାଦ ରାଓ,** ପିତା: ଏନ୍. ଲଛମୀ ନାରାୟଣ ରାଓ, ସା/ପୋ.: ମୋଚି ଷ୍ଟ୍ରିଟ୍, ରିକାପଲ୍ଲୀ, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୩୦୬୭୭** | ଟ.୧୦,୭୧୮/- + ସୁଧ ଓ ଅନ୍ୟାନ୍ୟ ଦେୟ | ୭.୨୦୦ |
| ହିଞ୍ଜିଳିକାଟୁ ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ଭାଗିରଥୀ ନାୟକ, ଫୋନ୍: ୯୪୩୭୯୭୭୬୮୬ | | | |
| ୧୦. | **ବାପୁଜୀ ପାତ୍ର,** ପିତା: ଜବାହର ଲାଲ ପାତ୍ର, ରଘୁପତି ନଗର, ୧ମ ଗେଟ୍, ପାଣିଗ୍ରାହୀପେଣ୍ଠ, ଜିଲ୍ଲା: ଗଞ୍ଜାମ / **୦୪୨୧୦୬୧୦୦୦୬୫୪୨** | ଟ.୩,୩୦,୭୦୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୩୩.୦୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ **ତା.୦୬.୦୧.୨୦୨୦ରିଖ ଦିନ** କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୨.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**


# ବିଦ୍ୟୁତ୍‌ଖୁଣ୍ଟ ଚୋରିବେଳେ ୨ ଗିରଫ, ଗାଡ଼ି ଜବତ

ଛତିଆ,୧୯।୧୨(ଡି.ଏନ.ଏ)

ବୈରୀ ଥାନା ପୋଲିସ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ୨ ଜଣଙ୍କୁ ଗିରଫ କରିବା ସହିତ ଏକ ପିକ୍‌ଅପ୍ ଗାଡିକୁ ଜବତ କରିଛି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ବୈରୀ ଥାନା ଏଏସ୍‌ଆଇ ଅନୀଲ କୁମାର ସାହୁ, ହାବିଲଦାର ପ୍ରମୋଦ ସାହୁ, କନଷ୍ଟେବଲ ଯଶୋବନ୍ତ ପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ହୋମ୍‌ଗାର୍ଡ ପିତାମ୍ବର ମହାନ୍ତି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଛତିଆ କଳକଳା ରାସ୍ତାର ପିଟିଆଇ ପାଖରେ ଏକ ପିକ୍‌ଅପ୍ ଭ୍ୟାନ୍ ସନ୍ଦେହଜନକ ଭାବେ ଛିଡା ହୋଇଥିବା ଦେଖି ତାକୁ ପଚରା ଉଚୁରା କରିଥିଲେ। ମାତ୍ର ଉକ୍ତ ପିକ୍‌ଅପ୍‌ରେ ଥିବା ବ୍ୟକ୍ତି ଠିକ୍‌ଭାବେ ଉତ୍ତର ଦେଇ ନ ପାରିବାରୁ ପୋଲିସ ଉକ୍ତ ପିକ୍‌ଅପ୍‌କୁ ଜବତ କରିଥିଲା। ଏହା ସହିତ ଚୌଦ୍ୱାର ଥାନା ତେଲେଙ୍ଗା ସାହିର ରବିନ୍ଦ୍ର ପାଣ୍ଡେ (୨୮)ଙ୍କୁ ଛତିଆ ଫାଣ୍ଡିକୁ ଆଣି ପଚରା ଉଚୁରା କରିଥିଲେ। ଛତିଆ କଳକଳା ରାସ୍ତାର କୁଆମାଳିଆ ସଡକ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ବିଭାଗ ତରଫରୁ ପଡିଥିବା ନୂଆ ଖୁଣ୍ଟିକୁ ଚୋରି କରିବା ପାଇଁ ଆସିଥିବା ପୋଲିସ ଜାଣିବା ପରେ ତତ୍‌କ୍ଷଣାତ୍ ଉକ୍ତ ଜାଗାରେ ପହଞ୍ଚିଥିଲେ। ମାତ୍ର ପୋଲିସ୍‌କୁ ଦେଖି ଘଟଣାସ୍ଥଳରୁ ଚୋରମାନେ ଚମ୍ପଟ ମାରିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ଚୌଦ୍ୱାର ଥାନା ଡିହସାହି ଗ୍ରାମର ସୁମନ୍ତ ନାୟକ (୩୪)ଙ୍କୁ କାବୁ କରିବା ସହିତ ଘଟଣାସ୍ଥଳରୁ ଏକ ଅକ୍ସିଜେନ୍ ଗ୍ୟାସ୍ ସିଲିଣ୍ଡର, ଏକ ରନ୍ଧନ ଗ୍ୟାସ ସିଲିଣ୍ଡର, ଲୁହା କଟା କଟର, ଆରି, ଆରିଷ୍ଟାଣ୍ଡ, ଏବଂ ୧୪ ଖଣ୍ଡ କଟା ଯାଇଥିବା ଲୁହା ବିଦ୍ୟୁତ ଖୁଣ୍ଟ ଜବତ୍ କରିଥିଲେ। ପରେ ଉକ୍ତ କାମ ନେଇଥିବା ଗୁପ୍ତା ଇଲେକ୍ଟ୍ରିକାଲ କମ୍ପାନୀ ତରଫରୁ ଛତିଆ ଫାଣ୍ଡିରେ ଲିଖିତ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଘଟଣା ସ୍ଥଳରୁ ଆଉ ୪ ଜଣ ଫେରାର୍ ହୋଇଯାଇଥିବା ଜଣାପଡିଛି।

## ବେଆଇନ ମୋରମ ଚାଲାଣ ବେଳେ ୧୦ ହାଇୱା ଜବତ

କୋରେଇ,୧୯।୧୨(ସ୍ୱ.ପ୍ର): ବେଆଇନ ମୋରମ ଚାଲାଣ ଖବର ପାଇ ବ୍ୟାସନଗର ତହସିଲ ପକ୍ଷରୁ ଏହା ଧରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଭାରପ୍ରାପ୍ତ ତହସିଲଦାର ରଶ୍ମିତା ସ୍ୱାଇଁ ସଦଳବଳେ ୨୦ ନମ୍ବର ଜାତୀୟ ରାଜପଥର ବେଣାପୁର ଛକ ନିକଟରେ ଜଗି ରହିଥିଲେ। ଏହି ସମୟରେ ୧୦ଟି ମୋରମ ବୋଝେଇ ହାଇୱାକୁ ଧରିବା ପରେ ଗାଡିଗୁଡିକ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଗାଡ଼ିଗୁଡ଼ିକ ଜବତ କରାଯାଇ ଯାଜପୁରରୋଡ ପୋଲିସକୁ ଜିମା ଦିଆଯାଇଥିଲା। ଏହି ଚଢାଉରେ ବଡବିରୁଡାଁ ଆରଆଇ ସୁଜିତ କୁମାର ସାମଲ, ପାଣିକୋଇଲି ଆରଆଇ ସ୍ମୃତିରଞ୍ଜନ ମଲ୍ଲିକ, ପଛିକୋଟ ଆରଆଇ ସୁଜିତ କୁମାର ସାମଲ, ତୁଳତୀ ଆରଆଇ ରବିନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଅଟକ

ବିଞ୍ଝାରପୁର,୧୯।୧୨(ଡି.ଏନ.ଏ): ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ଗ୍ରାମ ପଞ୍ଚାୟତ ମଲ୍ଲିପୁର ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ସେହି ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି। ଅଟକ ଥିବା ଯୁବକଙ୍କ ନାମ କେଦାର ଯେନା (୨୬) ବୋଲି ଜଣାପଡ଼ିଛି। ଖବର ମୁତାବକ କେଦାର ମଙ୍ଗଳବାର ବିଳମ୍ବିତ ରାତିରେ ସେହି ଗ୍ରାମର ଜଣେ ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରୁଥିଲେ। ଏହି ସମୟରେ ନାବାଳିକାଙ୍କ ପରିବାର ଲୋକଙ୍କ ହାତରେ ସେ ଧରା ପଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ଏକ ଘରେ ବନ୍ଦ କରି ବିଞ୍ଝାରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲା । ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୩୬୮/୧୯) ରୁଜୁ କରି କେଦାରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଜଗନ୍ନାଥ ଦେବଙ୍କ ପଞ୍ଚମ ବାର୍ଷିକ ଗୀତାଯଜ୍ଞ



ବାଲିପଡ଼ିଆଠାରେ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକ୍ରମ।

ଚଣ୍ଡିଖୋଲ,୧୯।୧୨(ଡ଼ି.ଏନ.ଏ)

ବଡ଼ଚଣା ବ୍ଲକ ବାଲିପଡ଼ିଆସ୍ଥିତ ମା’ ବୁଢୀ ଜାଗୁଳାଇପୀଠରେ ଶ୍ରୀଶ୍ରୀ ଜଗନ୍ନାଥ ଦେବଙ୍କ ପଞ୍ଚମ ବାର୍ଷିକ ଗୀତାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା ଓ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିପଡ଼ିଆ, ବରଦା ଓ ଦେକୁଡ଼ି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଯଜ୍ଞ କାର୍ଯ୍ୟ ମହାସମାରୋହରେ ସମାପନ ହୋଇଥିଲା। ପଣ୍ଡିତ ପ୍ରଭାକର ଉଦଗାତା ଓ ବୀର କିଶୋର ଦାସଙ୍କ ସମେତ ବହୁ ପଣ୍ଡିତ ଏହି ଯଜ୍ଞ କର୍ମରେ ସାମିଲ ହୋଇଥିଲାବେଳେ କର୍ତ୍ତାଭାବେ ପ୍ରକାଶ କୁମାର ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରହରି ଜେନା, ମନୋଜ କୁମାର ମହାନ୍ତି, କୁଳମଣି ମହାନ୍ତି, କ୍ଷେତ୍ରବାସୀ ଓଝା, ଜ୍ଞାନେନ୍ଦ୍ର ମହାନ୍ତି, ରମାକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୈନିକ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ବସନ୍ତ ପାତ୍ର, ବିନୋଦ ବିହାରୀ ଓ ମିଳନ ପଟ୍ଟନାୟକଙ୍କ ସମେତ ବହୁ କଳାକାର ଯୋଗଦେଇ ଭଜନ ପରିବେଷଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ରତ୍ନଗିରି,୧୯।୧୨(ଡିଏନ୍‌ଏ)

ବରୀ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। କେତେଜଣ ଅସାଧୁ କର୍ମଚାରୀଙ୍କ ଯୋଗୁ ଏଭଳି ଦୁର୍ନୀତି ହେଉଥିବାବେଳେ ଏହା ଉପରେ ରୋକ ଲଗାଇବା ପାଇଁ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଅଧିବାସୀମାନେ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, କେତେଜଣ ଅସାଧୁ କର୍ମଚାରୀ ସରପଞ୍ଚଙ୍କ ସହାୟତାରେ ବିଗତ ଦିନରେ ମୋ କୁଡିଆ, ବିଜୁ ପକ୍କାଘର ଓ ଇନ୍ଦିରା ଆବାସ ଯୋଜନାରେ ପୂର୍ବରୁ ସାମିଲ ଥିବା ବହୁ ହିତାଧିକାରୀଙ୍କ ପରିବାରର ସଦସ୍ୟଙ୍କୁ ମଧ୍ୟ ସାମିଲ କରିଥିବାରୁ ସାହୁପଡା, ଇଶାଣପୁର, ବାଲିଆ, ବାଲିବିଲି, ବୋଦୁଅ ପଞ୍ଚାୟତର ଗ୍ରାମବାସୀ ପୃଥକ ପୃଥକଭାବେ ଜିଲାପାଳ, ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ, ଯାଜପୁର ଓ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସରକାରୀ କର୍ମଚାରୀଙ୍କ ଦୁର୍ନୀତିପୂର୍ଣ୍ଣ ମନୋଭାବ ଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ପାଇଁ ଚୟନ ପ୍ରକ୍ରିୟା ଚାଲୁ ରହିଥିବାରୁ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀ ଏକ ସ୍ୱତନ୍ତ୍ର ଗୋଷ୍ଠୀ ତିଆରି କରି ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅଧୀନ କିମ୍ପିରିଆପାଳ ପଞ୍ଚାୟତର ୨୦୦୧/୨୦୦୨ ଆର୍ଥିକ ବର୍ଷରେ ଘର ପାଇଥିବା ରାଜେନ୍ଦ୍ର ମଲିକ, ନୃସିଂହ ମଲିକ ଓ ୨୦୧୩-୧୪ରେ ଆର୍ଥିକ ବର୍ଷରେ ମୋ କୁଡିଆ ଯୋଜନାରେ ଘର ପାଇଥିବା ରାମଚନ୍ଦ୍ର ମଲିକଙ୍କୁ ପୁନଶ୍ଚ ଚୟନ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ନେଇ କିମ୍ପିରିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ କୁମାର ସାହୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। ତଦନ୍ତ ରିପୋର୍ଟ ଆସିବା ପରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇ ଦେବା କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


**ଭାରତ ସରକାର**
**ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ**
**(ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ)**

**ଆଲକହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍) ଦୁରୁପଯୋଗର ପ୍ରତିରୋଧ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଜାତୀୟ ପୁରସ୍କାର, ୨୦୨୦ ଲାଗି ଦରଖାସ୍ତ ଆମନ୍ତ୍ରଣ**
**“ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଦୁରୁପଯୋଗ ଏବଂ ବେଆଇନ ଚାଲାଣ ବିରୋଧୀ ଦିବସ” ଅବସରରେ ୨୬ ଜୁନ୍, ୨୦୨୦ ଦିନ ଏହି ଜାତୀୟ ପୁରସ୍କାର ବିତରଣ କରାଯିବ ।**

**ବର୍ଗ:**
ଆଲ୍‌କହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍) ଦୁରୁପଯୋଗ ପ୍ରତିରୋଧ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ନିମ୍ନଲିଖିତ ପ୍ରତ୍ୟେକ ବର୍ଗ ଅଧୀନରେ ଜାତୀୟ ପୁରସ୍କାର ଲାଗି ଦରଖାସ୍ତ ଆମନ୍ତ୍ରଣ କରାଯାଇଛି:–

**I. ଆନୁଷ୍ଠାନିକ ବର୍ଗ**
(i) ଆଲ୍‌କହଲିକ୍ ଏବଂ ନିଶାଦ୍ରବ୍ୟ ବ୍ୟବହାରକାରୀଙ୍କୁ ଥଇଥାନ ସେବା ଯୋଗାଇବାରେ ଶ୍ରେଷ୍ଠ ସମନ୍ୱିତ ନିଶାସକ୍ତ ଥଇଥାନ କେନ୍ଦ୍ର (ଆଇଆର୍‌ସିଏ)।
(ii) ଆଲ୍‌କହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍) ଦୁରୁପଯୋଗର ପ୍ରତିରୋଧ କ୍ଷେତ୍ରରେ କାର୍ଯ୍ୟରତ ଶ୍ରେଷ୍ଠ ପଞ୍ଚାୟତିରାଜ କିମ୍ବା ପୌର ନିକାଶ।
(iii) ଆଲ୍‌କହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍) ଦୁରୁପଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ପ୍ରତିରୋଧରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ।
(iv) ଆଲ୍‌କହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍) ଦୁରୁପଯୋଗର ପ୍ରତିରୋଧରେ ଉଲ୍ଲେଖନୀୟ ଅବଦାନଧାରୀ ଶ୍ରେଷ୍ଠ ଅଣ–ଲାଭକାରୀ ଅନୁଷ୍ଠାନ (କ୍ରମିକ ସଂଖ୍ୟା (i), (ii), (iii)କୁ ଛାଡ଼ି)।
(v) ଶ୍ରେଷ୍ଠ ଗବେଷଣା କିମ୍ବା ଅଭିନବତା।
(vi) ଶ୍ରେଷ୍ଠ ସଚେତନତା ଅଭିଯାନ।

**II. ବ୍ୟକ୍ତିଗତ ବର୍ଗ**
(vii) କୌଣସି ବ୍ୟକ୍ତିବିଶେଷଙ୍କ ଉଲ୍ଲେଖନୀୟ ସଫଳତା

**ଆବେଦନର ପଦ୍ଧତି:**
(୧) ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁଥିବା ସଙ୍ଗଠନ, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦରଖାସ୍ତ ଦାଖଲ କରାଯାଇପାରିବ। ଦରଖାସ୍ତ କେବଳ ହିନ୍ଦୀ କିମ୍ବା ଇଂଲିଶ୍ ଭାଷାରେ ହେବା ଆବଶ୍ୟକ। ପୁରସ୍କାରର ଉପରୋକ୍ତ ପ୍ରତ୍ୟେକ ବର୍ଗ ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ଏବଂ ଜାତୀୟ ପୁରସ୍କାର ଯୋଜନା, ୨୦୨୦ର ବିବରଣୀ **www.socialjustice.nic.in**ରେ ଦେଖାଯାଇପାରିବ।
(୨) ନିମ୍ନଲିଖିତ ଏଜେନ୍ସି କିମ୍ବା ବ୍ୟକ୍ତିବିଶେଷମାନେ ପୁରସ୍କାର ପାଇଁ ଯୋଗ୍ୟ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କୁ ନାମାଙ୍କିତ ଏବଂ ସୁପାରିସ କରିବା ପାଇଁ ପ୍ରାଧିକୃତ:
(କ) ମନ୍ତ୍ରଣାଳୟର ଭାରପ୍ରାପ୍ତ ମନ୍ତ୍ରୀଙ୍କ ଅନୁମୋଦନ ସହିତ ଭାରତ ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ କିମ୍ବା ବିଭାଗ ଏବଂ ସେମାନଙ୍କ ସ୍ୱୟଂଶାସିତ ଅନୁଷ୍ଠାନ;
(ଖ) ସମ୍ପୃକ୍ତ ମୁଖ୍ୟମନ୍ତ୍ରୀ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନର ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଅନୁମୋଦନ ସହିତ ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ;
(ଗ) ନିଜସ୍ୱ କ୍ଷେତ୍ରାଧିକାରରେ ନିଶାମୁକ୍ତି କ୍ଷେତ୍ରରେ କାମ କରୁଥିବା ଆଞ୍ଚଳିକ ସମ୍ବଳ ଏବଂ ତାଲିମ୍ କେନ୍ଦ୍ର;
(ଘ) ନିଶାମୁକ୍ତି ଥଇଥାନ (ଏନ୍‌ସିସିଡିଆର୍) ଉପରେ ଜାତୀୟ ପରାମର୍ଶଦାତା କମିଟିର ସଦସ୍ୟ;
(ଙ) ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି, ଦି ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ ଇତ୍ୟାଦି ଭଳି ଖ୍ୟାତନାମା ଆପେକ୍ସ ଚାମ୍ବର୍ସ;
(ଚ) ଅତୀତ ପୁରସ୍କାର ବିଜେତା।
(ଛ) ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ), ଭାରତୀୟ ଚିକିତ୍ସା ପରିଷଦ (ଏମ୍‌ସିଆଇ), ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ (ଏନ୍‌ୱାଇକେଏସ୍), ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ), ଜାତୀୟ ଶିକ୍ଷାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି), କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ (କେଭିଏସ୍), ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍), ବୈଜ୍ଞାନିକ ଏବଂ ଶିଳ୍ପୀୟ ଗବେଷଣା ପରିଷଦ (ସିଏସ୍‌ଆଇଆର୍) ଇତ୍ୟାଦି ଭଳି ସଙ୍ଗଠନ; ଏବଂ
(ଜ) ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ଯେଉଁଠାରେ କାମ କରୁଛନ୍ତି ସେହି ଜିଲ୍ଲାର ଜିଲ୍ଲାପାଳ/ଜିଲ୍ଲା ମାଜିଷ୍ଟ୍ରେଟ୍।
(ଝ) ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ଯେଉଁଠାରେ କାମ କରୁଛନ୍ତି ସେହି କମିଶନରେଟ୍‌ର କମିଶନର୍।
(୩) କେବଳ ପ୍ରାଧିକୃତ ଏଜେନ୍ସି କିମ୍ବା ବ୍ୟକ୍ତିଙ୍କଠାରୁ, ନାମିତ ଉଦ୍ଦେଶ୍ୟ ପାଇଁ, ପର୍ଯ୍ୟାପ୍ତ ଯଥାର୍ଥତା ସହ ପ୍ରାପ୍ତ ନାମାଙ୍କନ ଏବଂ ସୁପାରିସଗୁଡ଼ିକୁ ବିଚାରକୁ ନିଆଯିବ।
(୪) ଦରଖାସ୍ତ ନିର୍ଦ୍ଧାରିତ ପ୍ରୋଫର୍ମାରେ ଯୁଗ୍ମ ସଚିବ (ଏସ୍‌ଡି), ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ରୁମ୍ ନଂ.୬୧୬–ଏ, ‘ଏ’ ୱିଙ୍ଗ୍, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ–୧୧୦୦୦୧ଙ୍କ ନିକଟରେ ୩୧ ଜାନୁୟାରୀ, ୨୦୨୦ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

**ଶେଷ ତାରିଖ ପରେ ପ୍ରାପ୍ତ ଏବଂ/କିମ୍ବା ନିର୍ଦ୍ଧାରିତ କର୍ତ୍ତୃପକ୍ଷ/ବ୍ୟକ୍ତିଙ୍କ ଦ୍ୱାରା ସୁପାରିସ ହୋଇ ନ ଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।**

davp 38101/11/0034/1920



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ନଈର ପାଣି ଶୁଖିଯାଏ ନାହିଁ, ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ଯାଜପୁର ଅଫିସ,୧୯।୧୨:** ଯାଜପୁର ଜିଲା ସ୍କୁଲ ପଡିଆରେ ନିର୍ମାଣାଧୀନ ମିନି ଷ୍ଟାଡିୟମ୍‌ରେ ଗୁରୁବାର ସକାଳ ୭ଟାରେ କାର୍ଯ୍ୟରତ ଜଣେ ଶ୍ରମିକ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଛନ୍ତି। ଶ୍ରମିକ ଜଣଙ୍କ ୫୦ଫୁଟ୍ ଉଚ୍ଚତାରେ କାର୍ଯ୍ୟ କରୁଥିବା ବେଳେ ମୁଣ୍ଡ ଉପରେ ଯାଇଥିବା ଉଚ୍ଚ କ୍ଷମତା ବିଶିଷ୍ଟ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ସେହି ସମୟରେ ପାଖରେ ଥିବା ଅନ୍ୟ ଜଣେ ଶ୍ରମିକ କୌଶଳ କ୍ରମେ ତାକୁ ଟାଣି ଆଣିଥିବାବେଳେ ଭାରସାମ୍ୟ ହରାଇ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଆହତ ଜଣକ ହେଲେ କୁଆଁସରପୁର ଅଞ୍ଚଳର ରବୀନ୍ଦ୍ର ପରିଡାଙ୍କ ପୁଅ ସନ୍ତୋଷ ପରିଡା (୨୬)। ଦୁର୍ଘଟଣାରେ ସନ୍ତୋଷଙ୍କ ବାମ ହାତ ସମ୍ପୂର୍ଣ୍ଣ ପୋଡି ଯାଇଥିବାବେଳେ ଡାହାଣ ହାତଟି ଅକାମୀ ହୋଇଯାଇଛି।

### କଲଣ ଶିଶୁ ମନ୍ଦିରର ୧୮ତମ ବାର୍ଷିକୋତ୍ସବ

**ରସୁଲପୁର,୧୯।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୮ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଯୋଗିନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ୍ ନିରଞ୍ଜନ ଶତପଥି, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଶିକ୍ଷକ ବ୍ରଜବନ୍ଧୁ ସାହୁ, କଲଣ ସରପଞ୍ଚ ସଙ୍ଗୀତାରାଣୀ ସାହୁ, ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ସେମାନଙ୍କ କଳାନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

### ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ସଂଶୋଧନ ଓଡ଼ିଆ ଭାଷାରେ ନାମ ଫଳକ ବାଧ୍ୟତାମୂଳକ

**ଯାଜପୁର ଅଫିସ,୧୯।୧୨:** ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ସଂଶୋଧନ ଅନୁଯାୟୀ ଏଣିକି ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆ ଭାଷାରେ ଲେଖାଯିବ। ଏହି ଆଇନ ଅନୁସାରେ ସମସ୍ତ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନକୁ ବାଧ୍ୟତାମୂଳକ କରାଯାଇଛି। ଓଡ଼ିଆ ଭାଷାରେ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନାମ ଫଳକରେ ଓଡ଼ିଆ ଭାଷା ପ୍ରଦର୍ଶିତ ହେଉ ନ ଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଏକ ୱେବ୍ ପୋର୍ଟାଲ ଏଫ୍‌ଏଲ୍‌ଏକେ(ଫଳକ) ଗୁରୁବାର ଲୋକାର୍ପିତ ହୋଇଛି। ଓଡ଼ିଆ ଭାଷାରେ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକ ଲେଖା ନ ଥିଲେ ସଂପୃକ୍ତ ଅନୁଷ୍ଠାନ ବିରୋଧରେ ଜରିମାନା ଓ ପଦକ୍ଷେପ ନେବାକୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଶ୍ରମ ଆୟୁକ୍ତ, ଓଡିଶା, ଭୁବନେଶ୍ୱର ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

## ମାର୍କଣ୍ଡପୁର ପ୍ୟାକ୍ସରେ ମହାଦୁର୍ନୀତି ମାମଲା

# ନିଷ୍ପତ୍ତି ଉପରେ ୨୪ରେ ଚୂଡ଼ାନ୍ତ ପଦକ୍ଷେପ

- ବହିଷ୍କାର ହେବେ ତତ୍କାଳୀନ ଡାଟା ଏଣ୍ଟ୍ରି ଅପରେଟର
- ପୂର୍ବତନ ସମ୍ପାଦକ, ୪ ଜଣ ଚାଷୀଙ୍କ ନାମରେ ହେବ ମାମଲା ରୁଜୁ

**ଯାଜପୁର ଅଫିସ,୧୯।୧୨**

ଯାଜପୁର ଜିଲା ମାର୍କଣ୍ଡପୁର ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ)ରେ ହୋଇଥିବା ମହା ଦୁର୍ନୀତି ସଂକ୍ରାନ୍ତରେ ଗତ ୭ ତାରିଖରେ ରାଜ୍ୟ ସମବାୟ ସମିତି ନିବନ୍ଧକ(ଏସ୍‌ଆର୍‌ସିଏସ୍) ନେଇଥିବା ନିଷ୍ପତ୍ତିର ନକଲ ଗୁରୁବାର ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ତଥା ବର୍ତ୍ତମାନ ସହ ସମ୍ପାଦକ ଭାବେ କାର୍ଯ୍ୟରତ ବିକ୍ରମଜିତ ଜେନାଙ୍କୁ ପ୍ରଦାନ କରାଯାଇଛି। ଏହାସହ ଆସନ୍ତା ୨୪ରେ ଶୁଣାଣି ଉପରେ ବିହିତ ପଦକ୍ଷେପ ନେବାକୁ ଯାଜପୁର ଏଆର୍‌ସିଏସ୍‌ଙ୍କୁ ସୂଚିତ କରାଯାଇଛି। ଯାଜପୁର ଜିଲା ମାର୍କଣ୍ଡପୁର ପ୍ୟାକ୍ସରେ ଧାନ କିଣାବିକାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଅର୍ଥ ଆତ୍ମସାତ ଅଭିଯୋଗ ଉପରେ ପୂର୍ବତନ ସମ୍ପାଦକ ନବକିଶୋର ପରିଡା, ସହ ସମ୍ପାଦକ ବିକ୍ରମଜିତ ଜେନାଙ୍କ ସମେତ ଚାଷୀ ଦିଲୀପ କୁମାର ରାଉତ, କବିତା ରାଉତ, ଦୀପକ ରାଉତ ଓ ତପନ ରାଉତଙ୍କୁ ଦାୟୀ କରାଯାଇଛି। ୨୦୧୫-୧୬ ଖରିଫ ଧାନକିଣାରେ ଏକ ପରିବାରର ୪ ଜଣ ଚାଷୀଙ୍କ ନାମରେ ୧୧୬୨କୁଇଣ୍ଟାଲ ଧାନ କିଣା ହୋଇଥିଲା। ଏଥିରେ ମାର୍କଣ୍ଡପୁର ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳିଭାବେ କାର୍ଯ୍ୟରତ ଦିଲୀପ କୁମାର ରାଉତଙ୍କ ନାମରେ ୨୯୬.୩୯ କୁଇଣ୍ଟାଲ, ତାଙ୍କ ପତ୍ନୀ କବିତା ରାଉତଙ୍କ ନାମରେ ୨୭୦କୁଇଣ୍ଟାଲ ଏବଂ ଦୁଇପୁଅ ଦୀପକ କୁମାର ରାଉତଙ୍କ ନାମରେ ୨୯୬.୧୯ କୁଇଣ୍ଟାଲ ଓ ତପନ କୁମାର ରାଉତଙ୍କ ନାମରେ ୩୦୦ କୁଇଣ୍ଟାଲ ଧାନ କିଣା ହୋଇଥିଲା। ତେବେ ଚାଷ ଜମି ଅନୁସାରେ ବାସ୍ତବରେ ଏହି ୪ ଜଣ ଚାଷୀଙ୍କ ନାମରେ ୨୪୫.୫୮ କୁଇଣ୍ଟାଲ ଧାନ କିଣାଯିବା କଥା। ଏଥିରୁ ୯୧୭ କୁଇଣ୍ଟାଲ ଧାନ ଜାଲ କାଗଜପତ୍ର ଓ ହେରାଫେରି କରି ଧାନ କିଣାଯାଇ ଏହାର ଅର୍ଥକୁ ଆତ୍ମସାତ ହୋଇଥିଲା। ଏହି ମହାଦୁର୍ନୀତି ସମ୍ପର୍କରେ ମାର୍କଣ୍ଡପୁର ଗ୍ରାମର ୫ ଜଣ ଚାଷୀ ଜିଲାପାଳଙ୍କ ସମେତ ରାଜ୍ୟ ସମବାୟ ସମିତିର ନିବନ୍ଧକ, ଏଆର୍‌ସିଏସ୍, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଜିଲା ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଅଭିଯୋଗକାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ହାଇକୋର୍ଟରେ ଡବ୍ଲ୍ୟୁପି(ସି)/୧୪୨୩୧/୨୦୧୮ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏନେଇ ଧରିତ୍ରୀରେ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇ ଆସୁଥିଲା। ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ଏକାଧିକ ଶୁଣାଣି କରିବା ପରେ ଗତ ୭ତାରିଖରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଏହି ହେରାଫେରିରେ ସଂପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ବର୍ତ୍ତମାନ ସହସମ୍ପାଦକ ଭାବେ କାର୍ଯ୍ୟରତ ଜେନାଙ୍କୁ ବହିଷ୍କାର କରିବାକୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଆସନ୍ତା ୨୪ ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। ଏହିକ୍ରମରେ ଏସ୍‌ଆର୍‌ସିଏସ୍ ତାଙ୍କ ପତ୍ରସଂଖ୍ୟା ୨୭୮୯୭/୧୯।୧୨।୨୦୧୯ରେ ଅଭିଯୁକ୍ତ ଜେନାଙ୍କୁ ବ୍ୟକ୍ତିଗତ ଭାବେ ପତ୍ର ପ୍ରଦାନ କରିଛନ୍ତି। ଏହାସହ ପତ୍ରସଂଖ୍ୟା ୨୭୮୯୮/୧୯।୧୨।୨୦୧୯ ତାରିଖରେ ନିଷ୍ପତ୍ତିର ନକଲ ଜେନାଙ୍କୁ ପ୍ରଦାନ କରିବା ସହ ସର୍ଭିସ ରିଟର୍ଣ୍ଣ କପି ଫେରାଇବାକୁ ଯାଜପୁର ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ହୋଇଛି। ପୂର୍ବରୁ ହୋଇଥିବା ଶୁଣାଣିରେ ଅଭିଯୁକ୍ତ ଚାଷୀ କବିତା ରାଉତଙ୍କୁ ତୁରନ୍ତ ପାକ୍ସ କମିଟିର ସଭ୍ୟା ପଦବୀରୁ ଅପସାରଣ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହ ଡିଆର୍‌ସିଏସ୍ କଟକ-୨ଙ୍କୁ ଓଡିଶା ସମବାୟ ସମିତି ଆକ୍ଟ ଓ ରୁଲ ଅନୁସାରେ ଉପରୋକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଶୁଣାଣିରେ ଦର୍ଶାଯାଇଛି। ଏହାବାଦ ଧାନ କିଣା ସମୟରେ ପ୍ରୋକ୍ୟୁରମେଣ୍ଟ ଡାଟା ଅପଲୋଡ ନ ହେବା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଜିଲାପାଳ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଏସ୍‌ଆର୍‌ସିଏସ୍ ତାଙ୍କ ଶୁଣାଣି ପତ୍ରରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏ ସଂକ୍ରାନ୍ତରେ ଏଆରସିଏସ୍ ଶରତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ପୂର୍ବରୁ ହୋଇଥିବା ଶୁଣାଣିର ନକଲ ମାର୍କଣ୍ଡପୁର ପ୍ୟାକ୍ସର ସହ ସମ୍ପାଦକ ଜେନାଙ୍କୁ ଦେବାକୁ ନୋଟିସ ହୋଇଛି। ଏହାସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତା ୨୪ରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଦୁର୍ଘଟଣାରେ ଜଣେ ଗୁରୁତର

**ଦଶରଥପୁର,୧୯।୧୨(ଡିଏନ୍‌ଏ)**

ଦଶରଥପୁର ବ୍ଲକ କାଟିଆ ଛକ ନିକଟ ଛକା ମହଲାଠାରେ ଗୁରୁବାର ଅପରାହ୍ନରେ ଏକ କାର ସହ ଲୁନାର ଧକ୍କା ହୋଇଥିଲା। ଫଳରେ ଜଣେ ଗୁରୁତର ହୋଇଛନ୍ତି। ଲୁନା ଚାଳକ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଯେ, ଖାନନଗର ପଞ୍ଚାୟତର ସନ୍ତୋଷ ମହାପାତ୍ର ଯାଜପୁରରୁ ମାର୍କେଟିଂ ସାରି କାର ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ନିକଟସ୍ଥ ପଠାଣ ମହଲା ଗ୍ରାମର ଅବଦୁଲ ମୁତ୍‌ଲବ ଖାନ (୬୫) ଲୁନାରେ ମସଜିଦ୍‌କୁ ନମାଜ ପାଠ କରିବାକୁ ୨୦ନଂ ଜାତୀୟ ରାଜପଥ ଉପରେ ଯାଉଥିବାବେଳେ କାର ସମ୍ମୁଖକୁ ଚାଲି ଆସିବାରୁ କାର ଚାଳକ ଭାରସାମ୍ୟ ହରାଇ ପ୍ରଥମେ ସେଠାରେ ଥିବା ଏକ ପୋଲରେ ଧକ୍କା ଦେଇ ତଳକୁ ଖସି ପଡ଼ିଥିଲେ। ଦୁର୍ଘଟଣାରେ ଗାଡ଼ିରେ ଥିବା ଚାଳକଙ୍କ ସମେତ ସନ୍ତୋଷ ଓ ଅନ୍ୟ ୨ ଶିଶୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପଦାକୁ ଆଣିଥିଲେ। ୩ଜଣ ଅଳ୍ପ ଆହତ ହୋଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଲୁନା ଚାଳକ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୁନାଟିକୁ ଏବଂ କାର ଗାଡିଟିକୁ ଜବତ କରି ତଦନ୍ତ ଚଳାଇଛି।

# ଜୈବିକ ଚାଷ ସମ୍ପର୍କିତ କର୍ମଶାଳା



ଜୈବିକ ଚାଷ ସମ୍ପର୍କରେ ଚାଷୀଙ୍କ ସହିତ ଆଲୋଚନା କରାଯାଉଛି।

**କଳିଙ୍ଗନଗର,୧୯।୧୨(ଡି.ଏନ.ଏ)**

ଚାଷ ପ୍ରତି ଆଗ୍ରହୀ ବ୍ୟକ୍ତିଙ୍କୁ ଦୀର୍ଘସ୍ଥାୟୀ ଚାଷ ଉପରେ ଜ୍ଞାନ ପ୍ରଦାନ ଲକ୍ଷ୍ୟରେ ପଙ୍କପାଳ ଓ ବାରବାଙ୍କୀ ଗ୍ରାମ ପଞ୍ଚାୟତରେ ଜୈବିକ ଚାଷ ଉପରେ ଗୁରୁବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କୃଷି, ଶସ୍ୟ ଅମଳ ଓ ସ୍ଥାନୀୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଉପରେ ଜ୍ଞାନ ପ୍ରଦାନ ଲକ୍ଷ୍ୟରେ ଟାଟା ଷ୍ଟିଲର ସହଯୋଗୀ ସଂସ୍ଥା ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା ପକ୍ଷରୁ ଉକ୍ତ କର୍ମଶାଳାର ଆୟୋଜନ କରାଯାଇଥିଲା। ଉଭୟ ପୁରୁଷ ଓ ମହିଳାଙ୍କୁ ମିଶାଇ ମୋଟ ୭୦ଜଣ ଚାଷୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ଯୋଗ ଦେଇଥିବା ଚାଷୀଙ୍କୁ ବିଭିନ୍ନ ଜୈବିକ କୃଷି ପଦ୍ଧତି ଯଥା କମ୍ ମୂଲ୍ୟରେ ସାର ଓ ପ୍ରାକୃତିକ ପଦାର୍ଥରୁ କୀଟନାଶକ ପ୍ରସ୍ତୁତି ଉପରେ ଭିଡିଓ ଦେଖାଯାଇଥିଲା। ଏହାପରେ କୋଲିବିରା କୃଷି ସାଧନକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଆଶିଷ ଦାସ ଉକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆଶିଷ ବର୍ତ୍ତମାନ ଚାଷୀଙ୍କୁ ଅଭିନବ ସବୁଜ ପ୍ରଯୁକ୍ତି ବିଦ୍ୟା ଉପରେ ଜ୍ଞାନପ୍ରଦାନ କରିବାର ଠିକ୍ ସମୟ ବୋଲି କହିଥିଲେ। ଏହି କର୍ମଶାଳାରେ ଯୋଗ ଦେଇଥିବା ଚାଷୀଙ୍କୁ ଜମି ପ୍ରସ୍ତୁତି, ବିହନ ଚୟନ, ବିହନ ବୁଣିବା ଓ ତାର ଯତ୍ନ ନେବା, ରକ୍ଷଣାବେକ୍ଷଣ ଓ ଶସ୍ୟ ଉପରେ ପ୍ରଯୁକ୍ତିଗତ ଶିକ୍ଷା ପ୍ରଦାନ କରାଯାଇଥିଲା। ଜୈବିକ ଖତ ପ୍ରସ୍ତୁତି ଓ ଉଦ୍ଭିଦ ସମ୍ପର୍କିତ ରୋଗ, ଏହାର ନିବାରଣ ଓ ପ୍ରତିକାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

### ଆହତ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ, ସ୍ୱାମୀ କୋର୍ଟଚାଲାଣ

**ରସୁଲପୁର,୧୯।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ଗତ ୧୨ତାରିଖରେ ପାରିବାରିକ କଳହକୁ ନେଇ ଅଶୋକ କୁମାର ମଲିକଙ୍କ ସ୍ତ୍ରୀ ରୀତାଞ୍ଜଳି ମଲିକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ଜୀବନ ସହ ୫ଦିନ ସଂଗ୍ରାମ କରିବାପରେ ବୁଧବାର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ବାପଘର ପକ୍ଷରୁ କୁଆଖିଆ ଥାନାରେ ଯୌତୁକ ଜନିତ କାରଣରୁ ଝିଅକୁ ମାରି ଦିଆଯାଇଛି ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନ. ୩୫୮/୨୦୧୯) ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀ ଅଶୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୨୦୧୮ରେ ଅଶୋକ ଓ ରଞ୍ଜିତାଙ୍କ ମଧ୍ୟରେ ବୈଦିକ ରୀତି ନୀତିର ସହ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରଠାରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲା। ଏହାକୁ କେନ୍ଦ୍ରକରି ରିତାଞ୍ଜଳୀ ବାପଘରେ ରହୁଥିଲେ। ପରେ ଭଦ୍ରଲୋକଙ୍କ ମଧ୍ୟସ୍ଥାରେ ସେ ଶାଶୁଘରକୁ ଆସିଥିଲେ। ପୁନର୍ବାର ଏହି ଘଟଣା ଘଟିବାରୁ ସେ ରାଗିଯାଇ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ।

# କଲେଜ ଛାତ୍ରୀଙ୍କ ବ୍ୟାଗ୍ ଚୋରି ଅଭିଯୋଗରେ ୪ ଗିରଫ



ଗିରଫ ୪ ଅଭିଯୁକ୍ତ।

**ଯାଜପୁର ଅଫିସ,୧୯।୧୨**

ଯାଜପୁର ନରସିଂହ ଚୌଧୁରୀ(ଏନ୍‌ସି) କଲେଜରେ ଜଣେ ଛାତ୍ରୀଙ୍କ ବ୍ୟାଗ ଚୋରି ଅଭିଯୋଗରେ ଗୁରୁବାର ଯାଜପୁର ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ ଗତ ୧୬ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ କୋଚିଂ ସାରି ବାଣପୁର ମେସ୍‌କୁ ଫେରୁଥିବାବେଳେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ତାଙ୍କ ବାସ୍କେଟ୍‌ରେ ଥିବା ବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ। ଏନେଇ ଟାଉନ ଥାନାରେ ସେ ଗତ ୧୭ ତାରିଖରେ ଅଭିଯୋଗ ହେବା ପରେ ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଦିଲ୍ଲିପ କୁମାର କାଣ୍ଡି ଏହାର ତଦନ୍ତ କରି ବିଭିନ୍ନ ସ୍ଥାନରେ ଯାଞ୍ଚ ଓ ଚଢ଼ାଉ ସହ ସିସି ଟିଭି ଫୁଟେଜ୍ ଯାଞ୍ଚ କରି ୪ଜଣ ଯୁବକଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଅଡଙ୍ଗ ପୁରୁଷୋତ୍ତମପୁର ଅଞ୍ଚଳର ସେକ୍ ସୁସ୍ତାଫିନ୍ ଅଲ୍ଲୀ (୨୧), ପ୍ରଦୀପ ବେହେରା(୨୦), କାଳିଆ ବାରିକ (୨୦) ଓ ଅଜୟ ଜେନା (୨୦)। ସେମାନଙ୍କ ଠାରୁ ୩ଟି ମୋବାଇଲ, ୨ଟି ବ୍ୟାଗ ଓ ୩ଟି ମନିପର୍ସ ଜବତ କରାଯାଇଛି।

# ଗୀତରେ ସଚେତନତା ବାର୍ତ୍ତା ଦେଲେ ସୁରଭି ପ୍ରତିଭାଧାରୀ

**ଯାଜପୁର ଅଫିସ,୧୯।୧୨**



ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କ ସହ ସୁରଭି ପ୍ରତିଭାଧାରୀ।

ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ନେଇ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ କୁମାର ମଲ୍ଲିକ ସଚେତନତା ବାର୍ତ୍ତା ଉପରେ ଏକ ଗୀତ ରେକର୍ଡ କରାଇଛନ୍ତି। କଟକ ସ୍ଥିତ ବି.ଏମ୍. ଷ୍ଟୁଡିଓରେ ସୁରଭି କାର୍ଯ୍ୟକ୍ରମରେ ବରିଷ୍ଠ ବର୍ଗର ସଂଗୀତରେ ପ୍ରଥମ ହୋଇଥିବା ଦଶରଥପୁର ବ୍ଲକ ମହତାବ ହାଇସ୍କୁଲ ଛାତ୍ରୀ ସ୍ୱପ୍ନାରାଣୀ ମଲ୍ଲିକ ଓ କନିଷ୍ଠ ବର୍ଗରେ ପ୍ରଥମ ହୋଇଥିବା ଦଶରଥପୁର ବ୍ଲକ ରାମବାଗ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତି ଆଚାର୍ଯ୍ୟଙ୍କ ସହ ସାଇଶ୍ରୀ ପୃଷ୍ଟି, ସୋନାଲୀ ସାମଲ, ରୂପାଲି ସାହୁ, ସତ୍ୟମ ମଲ୍ଲିକଙ୍କୁ ନେଇ ଦୀନେଶ ଏକ ଗୀତ ରେକର୍ଡିଂ କରାଇଛନ୍ତି। ଘର ବାହାର ଚାରିପାଖର ରଖିବା ପରିଷ୍କାର ନାମରେ ଏହି ସଚେତନତା ଗୀତଟିକୁ ଲୋକ ସମ୍ପର୍କ ଅଧିକାରୀ ତଥା ଗୀତିକାର ସନ୍ତୋଷ କୁମାର ସେଠୀ ଲେଖିଛନ୍ତି। ଗୀତଟିକୁ ପିଲାଙ୍କ ସହ ବିଶିଷ୍ଟ କଣ୍ଠ ଶିଳ୍ପୀ କୁମାର ଦିଲୀପ, ସୁଧାକର ମିଶ୍ର ଓ ଅରୁପମା ନାୟକ କଣ୍ଠଦାନ କରିଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସ ପିଲାମାନଙ୍କ ଏହି ପ୍ରତିଭା ପାଇଁ ସେମାନଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସୂର୍ଯ୍ୟାସ୍ତର ତ୍ରୟୋଦଶ ସ୍ୱନକ୍ଷତ୍ର ସମାରୋହ ପାଇଁ ବୈଠକ

**ଧର୍ମଶାଳା,୧୯।୧୨(ଡି.ଏନ.ଏ.)**

ଧର୍ମଶାଳାରୁ ପ୍ରକାଶିତ ସାହିତ୍ୟଧର୍ମୀ ମାସିକ ପତ୍ରିକା ସୂର୍ଯ୍ୟାସ୍ତର ତ୍ରୟୋଦଶ ସ୍ୱନକ୍ଷତ୍ର ସମାରୋହ, ସୂର୍ଯ୍ୟାସ୍ତ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୯ ତାରିଖରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଅନୁଷ୍ଠିତ ହେବ। ଏଥିରେ ଉଦ୍‌ଘାଟକ ଭାବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମୁଖ୍ୟଅତିଥି ଭାବରେ ବରିଷ୍ଠ ଖବରଦାତା ଦିଲ୍ଲୀପ ବିଶୋୟୀ, ମୁଖ୍ୟବକ୍ତା ପ୍ରଫେସର ବୈରାଗୀ ପଟ୍ଟନାୟକ, ସମ୍ମାନିତ ଅତିଥି ବରିଷ୍ଠ କବି ଓ ଲେଖକ ନିରାକାର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ପ୍ରସନ୍ନ କୁମାର ବେଉରାଙ୍କୁ ସୂର୍ଯ୍ୟାସ୍ତ ସମ୍ମାନ-୨୦୧୯, ମାନସ ରଞ୍ଜନ ସାମଲ, ବୀରକିଶୋର ପାଢ଼ୀଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନାଙ୍କୁ ସୂର୍ଯ୍ୟାସ୍ତ ସମ୍ମାନ ଓ ଶିକ୍ଷକ ଗଣେଶ୍ୱର ବେହେରାଙ୍କୁ ବିକ୍ରମାଦିତ୍ୟ ଫାଉଣ୍ଡେଶନ ସମ୍ମାନ ପ୍ରଦାନ କରାଯିବ। ପ୍ରବନ୍ଧ ସଂକଳନ 'ସମୀକ୍ଷା', 'ରଚନା ଆଲୋଚନା', ଅନୁବାଦ କବିତା ସଂକଳନ 'କଲ୍ଲୋଳିନୀ-୨' ଲୋକାର୍ପଣ ହେବାକୁ ନିଷ୍ପତ୍ତି ହୋଇଛି।

# ଆଇଜି ମହିଳା ଜୁନିୟର କଲେଜରେ ଆତ୍ମରକ୍ଷା କୌଶଳ ତାଲିମ

**ଯାଜପୁର ଅଫିସ,୧୯।୧୨**



ଆତ୍ମରକ୍ଷା କୌଶଳ ତାଲିମ ନେଇଥିବା ଛାତ୍ରୀ।

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ(ଆଇଜି) ମହିଳା ଜୁନିୟର କଲେଜରେ ବାଳିକାଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବର ଗୁରୁବାର ଉଦ୍‌ଯାପିତ ହୋଇଛି। ୧୨ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଶିବିର ବିଭାଗୀୟ ସଂଯୋଜକ ଅଧ୍ୟାପକ ଚିତ୍ତରଞ୍ଜନ ବଳଙ୍କ ତତ୍ତ୍ୱାବଧାନରେ ୩୦୦ଛାତ୍ରୀ ପ୍ରଶିକ୍ଷଣ ନେଇଛନ୍ତି। ଉଦ୍‌ଯାପନୀ ଅବସରରେ ମହାବିଦ୍ୟାଳୟର ଅଧକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ଏକକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ବିରଜା ମହିଳା(କନିଷ୍ଠ) ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଖିଳ ରଞ୍ଜନ ପାଢୀ ମୁଖ୍ୟଅତିଥି, ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ରାଉତ ମୁଖ୍ୟବକ୍ତା, ବରିଷ୍ଠ ଅଧ୍ୟାପିକା ଡକ୍ଟର କନିକା ଦେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ଅରୁଣ କୁମାର ମିଶ୍ର, ସୁବାସ ଚନ୍ଦ୍ର ସ୍ୱାଇଁ, ହୃଷୀକେଷ ତ୍ରିପାଠୀ, ଅଧ୍ୟାପିକା ଲଳିତା ସାହୁ, ମାନସୀ ବେହେରା, ରଶ୍ମିତା ପଣ୍ଡା, ସସ୍ମିତା ଆଚାର୍ଯ୍ୟ, ସୁମିତ୍ରା ରାଉତ, ହିରଣ୍ମୟୀ ମିଶ୍ର, ଦୀପ୍ତିମୟୀ ରାଉତ, ଦେବଜାନୀ ଦାସ, ରାଜଲକ୍ଷ୍ମୀ ଦାସ, ଅନିମା ପ୍ରଧାନ ଓ କଲ୍ୟାଣି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ପ୍ରଶିକ୍ଷିକା ସୁନିତା ଦାସ ଓ ସରସ୍ୱତୀ ପତି ପ୍ରମୁଖ ଯୋଗଦେଇ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିସ୍କୋକୁ ନେଇ ବିଧାୟକ-ଓଏମ୍‌ସିଏଲ୍ ମଧ୍ୟରେ ଆଲୋଚନା

**କାଳିଆପାଣି,୧୯।୧୨(ଡିଏନଏ)**



ଓଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ସୁକିନ୍ଦା ଖଣି ଅଞ୍ଚଳରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଥିବା ଟାଟା କମ୍ପାନୀର ଲିଜ ଅବଧି ମାର୍ଚ୍ଚ ୩୧ରେ ଶେଷ ହେବ। ରାଜ୍ୟ ସରକାରଙ୍କ ସର୍ତ୍ତାବଳୀ ଅନୁଯାୟୀ ଟାଟା ଷ୍ଟିଲ ସୁକିନ୍ଦା କ୍ରୋମାଇଟ (ଟିସ୍କୋ) ଖଣି ଲିଜ ନବୀକରଣ ହୋଇପାରି ନାହିଁ। ଫଳରେ ଦୀର୍ଘ ୬ ଦଶନ୍ଧି ଧରି ଖଣି ଖୋଳି ଆସୁଥିବା ଟାଟା କମ୍ପାନୀ ଖଣି ଲିଜରୁ ବଞ୍ଚିତ ହୋଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର ଓଏମ୍‌ସିଏଲ (ଓଡ଼ିଶା ଖଣି ଅନ୍ୱେଷଣ ନିଗମ)କୁ ଖଣି ହସ୍ତାନ୍ତର କରିବା ପ୍ରକ୍ରିୟା ଗତ ୩୦ରେ ଖଣି ଟେଣ୍ଡର ଆହ୍ୱାନରୁ ଜଣାପଡ଼ିଛି। ଟାଟା କମ୍ପାନୀର ଲିଜ୍ ନବୀକରଣ ହୋଇ ନ ପାରିବା ଦ୍ୱାରା କମ୍ପାନୀ ପକ୍ଷରୁ ନିର୍ମାଣ ହୋଇଥିବା କଲୋନୀ ଓଏମ୍‌ସିଏଲ୍‌କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଗତ ସେପ୍ଟେମ୍ବର ୪ରେ ଟାଟା ଓ ଓଏମ୍‌ସିଏଲ୍ ମଧ୍ୟରେ ଉଭୟ କର୍ତ୍ତୃପକ୍ଷଙ୍କ ଆଲୋଚନାରୁ ସୂଚନା ମିଳିଛି। ଅତ୍ୟାଧୁନିକ ଟାଟା କଲୋନୀରେ ରହିଥିବା ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ଅତିଥିଶାଳା, ୩ଟି ହାଇସ୍କୁଲ (ଷ୍ଟିୱାର୍ଟ, ସରସ୍ୱତୀ ଶିଶୁ ମନ୍ଦିର, ଶ୍ରମଶକ୍ତି ହାଇସ୍କୁଲ) ଅଗ୍ନିଶମ ବାହିନୀ, ଉପଡ଼ାକଘର, ପାନୀୟଜଳ ପ୍ରକଳ୍ପ, ବ୍ୟାଙ୍କ, ଉଦ୍ୟାନ ପ୍ରଭୃତି ଅନୁଷ୍ଠାନକୁ ପୂର୍ବବତ୍ ରଖିବାକୁ ସ୍ଥାନୀୟ ଅଞ୍ଚଳବାସୀ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ନିକଟରେ ଦାବି କରଥିଲେ। ଏହାପରେ ଗୁରୁବାର ଘଡ଼େଇ ଓ ଓଏମ୍‌ସିଏଲ୍ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ରଙ୍ଗନାଥ ପ୍ରହରାଜଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ଓଏମ୍‌ସିଏଲ ମୁଖ୍ୟ ଦପ୍ତରଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ବିଷୟରେ ଆଲୋଚନା ହୋଇଥିବାବେଳେ ସମସ୍ତ ଅନୁଷ୍ଠାନ ପୂର୍ବବତ ରହିବ ବୋଲି ପ୍ରହରାଜ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଉପପ୍ରବନ୍ଧକ ମଳୟ ରଞ୍ଜନ କର, ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସିତ ହେଲେ ୩୫୦ ରୋଗୀ

ରଘୁନାଥପୁର ,୧୯। ୧୨ (ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ଦ୍ୱୀପାଞ୍ଚଳରେ ଥିବା ମହମ୍ମଦପୁର ପଞ୍ଚାୟତରେ ଏକ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫୦ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣାରେ ଔଷଧ ନେଇଥିଲେ। ଶିବିରକୁ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ ଓ ନକୁଳ ଚରଣ ବେହେରା ଉପସ୍ଥିତ ରହିଥିଲେ। ଡା. ରାଧାକାନ୍ତ ସାହୁ, ଡା. ରାଜେଶ କୁମାର ଭୋଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତରଙ୍କ ସହ ସହାୟକ ଅସିତ୍ ଷଡଙ୍ଗୀ, ହିମାଂଶୁ ବେହେରା, ପ୍ରଶାନ୍ତ ସ୍ୱାଇଁ, ଜିତେନ୍ଦ୍ର ଦାସ, ନୃସିଂହ ଚରଣ ସ୍ୱାଇଁ, ଅଲେଖ ଦଳାଇ ଓ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶିବିର ସକାଳୁ ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହୋଇଥିଲା। ଶିବିରକୁ କିଶୋର ସାହୁ ଓ ରମାକାନ୍ତ ବେହେରାଙ୍କ ସମେତ ଗ୍ରାମବାସୀ ସହାୟତା କରିଥିଲେ।

ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କାର୍ଯ୍ୟ ବନ୍ଦ ପ୍ରସଙ୍ଗ

### କାମରେ ଯୋଗଦେଲେ କର୍ମଚାରୀ

ରଘୁନାଥପୁର,୧୯।୧୨ (ଡି.ଏନ.ଏ.): ରଘୁନାଥପୁର ବ୍ଲକ କଟକ-ପାରାଦୀପ ରାସ୍ତାର ଖଣ୍ଡତରୀ ଜଇପୁରଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର କର୍ମଚାରୀଙ୍କ ଦରମା ନ ମିଳିବାରୁ ବୁଧବାର ସେମାନେ କାର୍ଯ୍ୟାଳୟରେ ତାଲା ପକାଇ ବନ୍ଦ ରଖିଥିଲେ। ଦରମା ବିଲ୍ ପଠାଯିବା ପରେ ଗୁରୁବାର ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଧରିତ୍ରୀରେ ଖବର ପ୍ରକାଶ ଲାଗି ବୁଧବାର ଆରଆଣ୍ଡବି ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଯୋଗାଯୋଗ କରାଯାଇଥିଲା। ଧରିତ୍ରୀରେ ଗୁରୁବାର ଖବର ପ୍ରକାଶନ ପରେ ସମ୍ପୃକ୍ତ ବିଭାଗ ତତ୍ପର ହୋଇ ଉଠିଥିଲା। ସମସ୍ତ କାଗଜପତ୍ର କାମ ରାତିରାତି କରି କର୍ମଚାରୀଙ୍କ ଦାୟିତ୍ୱରେ ଥିବା ପିଏସ୍‌ଆଇପିଏଲ କମ୍ପାନୀକୁ ବକେୟା ଥିବା ୨ରୁ ୩ ମାସର ବିଲ୍ ପୈଠ କରାଯାଇଥିବା ସମ୍ପର୍କରେ ଜଇପୁର ଆରଆଣ୍ଡବି ଯନ୍ତ୍ରୀ ବିନୟ କୁମାର ସାହୁ କହିଛନ୍ତି। ଏକଜିକ୍ୟୁଟିଭ ଇଞ୍ଜିନିୟର ନିମାଇଁ ଚରଣ ଦାସ କମ୍ପାନୀକୁ ଯଥାଶୀଘ୍ର କର୍ମଚାରୀମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ କହିଥିଲେ।

### ବାର୍ଷିକ ଉତ୍ସବ ଉଦ୍‌ଯାପିତ

ରାହାମା,୧୯।୧୨(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାଠାରେ ଥିବା ଶାରଳା ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ ହୋଇଛି। ୧୯୭୭ ମସିହାରେ କଲେଜ ପ୍ରତିଷ୍ଠା ହୋଇ ସିଦ୍ଧପୁରୁଷ ଶ୍ରୀମଦ ବାୟାବାବାଙ୍କ କରକମଳରେ ଏହି କଲେଜର ଉଦଘାଟନ କରାଯାଇଥିଲା। ସେହିଦିନଠାରୁ କଲେଜ ପରିସରରେ ଥିବା ବାୟା ମଣ୍ଡପରେ ଅଷ୍ଟମପ୍ରହର ନାମଯଜ୍ଞ ପାଳିତ ହୋଇ ଆସୁଛି। ତିନିଦିନ ଧରି ୧୦ଗୋଟି କୀର୍ତ୍ତନ ମଣ୍ଡଳୀ ଅହୋରାତ୍ର ହରିନାମ ପରିବେଷଣ କରିଥିଲେ। କଲେଜର ଅଧ୍ୟକ୍ଷ ଶରତ ସାହୁ କର୍ତ୍ତା ହୋଇଥିବାବେଳେ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୮ ବର୍ଷ ହେଲା କାମରେ ଆସୁନି ନୂଆ ବସ୍‌ଷ୍ଟାଣ୍ଡ

ଜଗତ୍‌ସିଂହପୁର ଅଫିସ, ୧୯।୧୨

୭ବର୍ଷ ପୂର୍ବରୁ ଜିଲା ମୁଖ୍ୟାଳୟରେ ଏକ ସ୍ଥାୟୀ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ପାଖାପାଖି ୧କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ପୂର୍ବପରି ବସ୍, ଟ୍ରେକର୍‌ଗୁଡ଼ିକ ବଜାର ମଝିରେ ଷ୍ଟପେଜ୍ କରିଚାଲିଛି। ବିନା ବିଚାରବିମର୍ଷରେ ମନଇଚ୍ଛା ସ୍ଥାନ ଚିହ୍ନଟ ସହ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଅଞ୍ଚଳର କେତେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏଥିସହ ଜିଲା ପ୍ରଶାସନ ଓ ବସ୍ ମାଲିକ ସଂଘ ମଧ୍ୟରେ ବୁଝାମଣା ହୋଇ ନ ପାରିବାରୁ ବସ୍ ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା କୁହାଯାଉଛି । ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଜଗତ୍‌ସିଂହପୁର ମୁଖ୍ୟ ଡାକଘର ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସ ଷ୍ଟପ୍ ରହିଛି। ସେଠାରେ ବସ୍‌ଗୁଡ଼ିକ କିଛି ସମୟ ଅଟକି ପୁଣି ବାହାରିଯାଉଛି। ଏକକାଳୀନ ୧୦ଟି ବସ୍ ରହିଲା ଭଳି ଜାଗା ସେଠାରେ ନାହିଁ। ଏଥିସହ ଏହି କମ୍ ଜାଗାରେ ଟ୍ରେକରଗୁଡ଼ିକ ମଧ୍ୟ ଅଟକୁଛି। ରାସ୍ତା ପାର୍ଶ୍ୱରେ ଖୁବ କମ୍ ଜାଗାରେ ଗାଡ଼ିଗୁଡ଼ିକ ପ୍ରବେଶ ଓ ପ୍ରସ୍ଥାନ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମହିଳା, ପୁରୁଷ ପରିସ୍ରାଗାର, ଯାତ୍ରୀଙ୍କ ବସିବା ପାଇଁ ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଆଦି ସୁବିଧା ନାହିଁ। ବସ୍ ଷ୍ଟପ୍ ଜମିର କିଛି ପରିମାଣ ପୁରୋହିତପୁର ସୋସାଇଟି ଏବଂ ଅବଶିଷ୍ଟ ଜଗତସିଂହପୁର ପୌର ପରିଷଦ ଅଧୀନରେ ରହିଛି। ପୌରପରିଷଦ ଏହି ଜମିକୁ ବସ୍ ମାଲିକ ସଂଘକୁ ଲିଜ୍ ସୂତ୍ରରେ ଦେଇଛି। ଜଗତ୍‌ସିଂହପୁରରେ ଏକ ବସ ଷ୍ଟାଣ୍ଡର ଆବଶ୍ୟକତା ଅନୁଭବ କରି ୨୦୦୩ ରେ ତତ୍କାଳୀନ ଜିଲାପାଳ ପଦକ୍ଷେପ ନେଇଥିଲେ। ବସ୍‌ମାଲିକ ସଂଘ, ଲୋକ ପ୍ରତିନିଧି କିମ୍ବା ବୁଦ୍ଧିଜୀବୀଙ୍କ ମତାମତ ନ ନେଇ ତରବରିଆ ଭାବେ ବଜାରଠାରୁ ୩ କିଲୋମିଟର ଦୂର ଜଗତସିଂହପୁର-ବାଲିକୁଦା ମୁଖ୍ୟ ରାସ୍ତା ପାର୍ଶ୍ୱ ଯୋଗଧାରୀଠାରେ ସ୍ଥାନ ଚିହ୍ନଟ କରିଥିବା କୁହାଯାଏ। ତେବେ ଯାହା ହେଉ ଏହି ସ୍ଥାନରେ ୮।୩।୨୦୦୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସ ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନେଇ ପ୍ରାଥମିକ ପର୍ଯ୍ୟାୟରେ ୭୭,୭୬,୭୪୯ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୩୦,୦୦,୦୦୦ ଖର୍ଚ୍ଚ କରାଯାଇଥିଲା। ଏଥିରେ ୨ଟି ଫାଟକ ନିର୍ମାଣ କରାଯାଇଥିଲା। ସମସ୍ତ କାମ ଶେଷ ହେଲା ପରେ ୯।୧୨।୨୦୧୨ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଏବଂ ସମବାୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ବସ୍ ଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ନ ହୋଇପାରିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପଚାରିବାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଥିବା ନୂଆ ବସ୍‌ଷ୍ଟାଣ୍ଡ ।

### ଏମାନେ କୁହନ୍ତି...

"ସହରଠାରୁ ଦୂରରେ ବସ ଷ୍ଟାଣ୍ଡ ନିର୍ମାଣ ହେବା ଭୁଲ ନୁହେଁ। କଟକ ଓ ଭୁବନେଶ୍ୱରର ବସ ଷ୍ଟାଣ୍ଡ ନିର୍ମାଣ ସମୟରେ ମଧ୍ୟ ଅସନ୍ତୋଷ ଦେଖା ଦେଇଥିଲା । ପରବର୍ତ୍ତୀ ସମୟରେ ଲୋକେ ବୁଝିଗଲେ । ତେଣୁ ଜଗତ୍‌ସିଂହପୁର ବସ୍ ଷ୍ଟାଣ୍ଡଟି ତୁରନ୍ତ କାର୍ଯ୍ୟକ୍ଷମ ହେବା ଜରୁରୀ। ଏନେଇ ପ୍ରଶାସନିକ ଦୃଢତାର ଆବଶ୍ୟକତା ରହିଛି। ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସେଠାରେ ଅସାମାଜିକ କାର୍ଯ୍ୟକଳାପ ବଢୁଛି।

—ଆଡଭୋକେଟ୍ ବାସୁଦେବ, ଜଗତ୍‌ସିଂହପୁର

"ଜଗତ୍‌ସିଂହପୁରରୁ ୨ଟି ରାସ୍ତା ଯଥା ଜଇପୁର-ପାରାଦୀପ ଏବଂ ବାଲିକୁଦା-ମାଛଗାଁ ଯାଇଛି । କୌଣସି ବସ୍ ନୂଆ ବସ୍ ଷ୍ଟାଣ୍ଡ ଗଲେ ଅଯଥାରେ ୩ କିଲୋମିଟର ଗଡ଼ିବ। ସେହିପରି ଜଗତସିଂହପୁରରୁ ପାରାଦୀପ ଯିବା ଆସିବାରେ ମଧ୍ୟ ଅନୁରୂପ ସମସ୍ୟା ମଧ୍ୟ ରହିବ। ପୁରୋହିତପୁର ନିକଟରୁ ନୂଆ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ନୂଆ ରାସ୍ତା କରାଗଲେ ଏହି ସମସ୍ୟା ଦୂର ହୋଇପାରନ୍ତା ।

କୈଳାସ ଚନ୍ଦ୍ର ସାହୁ, ସଭାପତି, ଜଗତସିଂହପୁର ବସ୍ ମାଲିକ ସଂଘ

### ଚେଲିତୋଳ ବାଲିଯାତ୍ରା ପଡ଼ିଆ ସଫେଇ

ତିର୍ତ୍ତୋଲ,୧୯।୧୨(ଡି.ଏନ୍.ଏ.)

ଚେଲିତୋଳ ବାଲିଯାତ୍ରା ନଭେମ୍ବର ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ତିର୍ତ୍ତୋଲ ବ୍ଲକସ୍ଥିତ ମହାନଦୀ ପଠାର ଗୋପିଆକୁଦଠାରେ ଅନୁଷ୍ଠିତ ହୋଇଥିଲା। ବାଲିଯାତ୍ରା ପରେ ଏହି ପଡ଼ିଆରେ ଗଦାହୋଇଥିବା ଅଳିଆ ଆବର୍ଜନାକୁ ଗୁରୁବାର ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନେ ସଫା କରିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର, ସାମନ୍ତରାପୁର, ପୋରଗଡେଇ ଓ ଆମ୍ବେରୀ ପଞ୍ଚାୟତର ମିଳିତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ତିର୍ତ୍ତୋଲ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଅକ୍ଷୟ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘର ଆବାହକ ରାଜକିଶୋର ଦାଶ, କୁଜଙ୍ଗ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବାବୁରାମ ଚୌଧୁରୀ, କୋଲର ସରପଞ୍ଚ ଦିପ୍ତୀମୟୀ ରାୟ, ପୂର୍ବତନ ସରପଞ୍ଚ ଅଧିର ସ୍ୱାଇଁ, ରଘୁନାଥ ବ୍ଲକ ସମ୍ପାଦକ ଯଦୁନାଥ ଜେନା ଓ ପଙ୍କପାଳ ପଞ୍ଚାୟତ ସମ୍ପାଦକ ରବୀନ୍ଦ୍ରନାଥ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ନିଶା ନିବାରଣ ଓ ବୃକ୍ଷରୋପଣ ପାଇଁ ସଚେତନତା ଉପରେ ନିଷ୍ପତ୍ତି ନିଆଯାଇଥିଲା।

### ଆଜି ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାରଖାନା ପାଇଁ ଜନଶୁଣାଣି

# କମ୍ପାନୀ ଜାରିକଲା ପରିବେଶ ସନ୍ତୁଳନ ନୀତି

**ପ୍ରଶାସନ ପକ୍ଷରୁ ବ୍ୟାପକ ସଜବାଜ**

ପାରାଦୀପ, ୧୯।୧୨(ସ୍ୱ.ପ୍ର.)

ପାରାଦୀପରେ ହେବାକୁ ଥିବା ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ କମ୍ପାନୀ ପାଇଁ ଶୁକ୍ରବାର ଏରସମା ବ୍ଲକ ଅନ୍ତର୍ଗତ ଗଡ କୁଜଙ୍ଗଠାରେ ଜନଶୁଣାଣି ହେବ। ୭୧ହଜାର କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ପାଇଁ ଜନଶୁଣାଣି ହେବ। ଏହାକୁ ସଫଳ ଭାବେ ଆୟୋଜନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ନୂତନ ପ୍ରକଳ୍ପ ସମ୍ପର୍କରେ କମ୍ପାନୀ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସବିଶେଷ ରିପୋର୍ଟ ଗଣମାଧ୍ୟମକୁ ସୂଚନା ମିଳିଛି। କମ୍ପାନୀର ମାନ ଗୁଣବତ୍ତା ପରିବେଶ ସନ୍ତୁଳନ କ୍ଷେତ୍ରରେ ଯାହା କରାଯିବ ସେ ବିଷୟରେ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିଜସ୍ୱ ବର୍ଥ ଓ ଗ୍ରୀନ୍‌ଫିଲ୍ଡ ଇସ୍ପାତ କ୍ଷେତ୍ରରେ ଜେଏସ୍‌ଡବ୍ଲ୍ୟୁ ୭୧ହଜାର କୋଟି ଟଙ୍କା ଖର୍ଚ୍ଚ କରିବ। ସର୍ବୋତ୍କୃଷ୍ଟ ସ୍ୱଚ୍ଛ, ସବୁଜିମା ଭରା ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଏହି କାରଖାନାରେ ପ୍ରଦୂଷଣକୁ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। କୋକ୍‌ଓଭେନ୍, ବ୍ଲାକ୍‌ଫର୍ନେସ୍, ଷ୍ଟିଲ ମେଲ୍ଟିଂ ସପ୍ ଭଳି ପ୍ଲାଣ୍ଟର ବର୍ଜ୍ୟ ଗ୍ୟାସକୁ ବ୍ୟବହାର କରି ଉପଯୋଗୀ କରାଯିବ ବୋଲି ଦର୍ଶାଯାଇଛି। ଧୂଳିକଣା ଓ ଗ୍ୟାସକୁ ଆୟତ୍ତ କରିବା ପାଇଁ ଭାରତରେ ପ୍ରଥମକରି ଏହି କାରଖାନା ସିଣ୍ଟର ପ୍ଲାଣ୍ଟରେ ମେରୋସ୍ (ଏମ୍‌ଇଆରଓଏସ୍) ସ୍ଥାପନ କରିବ। ଯଦ୍ୱାରା ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର କରିବା ପାଇଁ ବ୍ୟବସ୍ଥା ରହିବ। ସେହି ବର୍ଜ୍ୟରୁ ସିମେଣ୍ଟ ପ୍ରସ୍ତୁତ କରାଯିବ। ଏଥିସହ ପାଉଁଶ ପରିଚାଳନା ବ୍ୟବସ୍ଥା ମଧ୍ୟ ରହିଛି। ଏଥିସହ ଜଙ୍ଗଲ ପରିବେଶ ବିଭାଗର ନିୟମାନୁସାରେ ୩୩ ପ୍ରତିଶତ ବନୀକରଣକୁ କମ୍ପାନୀ ନିଶ୍ଚିତ କରିବ ବୋଲି ପ୍ରେସ୍ ବିବୃତିରେ ଦର୍ଶାଯାଇଛି। ଅପରପକ୍ଷରେ ଜନଶୁଣାଣି ପୂର୍ବରୁ ସୁରକ୍ଷା ଦୃଷ୍ଟି କୋଣରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହ ପାରାଦୀପର ସବୁ ଥାନାର ବରିଷ୍ଠ ଅଫିସରମାନେ ସେଠାରେ ଡେରା ପକାଇଛନ୍ତି। ଖୋଦ୍ ଜିଲାପାଳ, ଏସ୍‌ପି ଜନଶୁଣାଣିରେ ଉପସ୍ଥିତ ରହିବେ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି।

### ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗି ୩ ବଖରା ଭସ୍ମୀଭୂତ

ରଘୁନାଥପୁର ,୧୯। ୧୨ (ଡି.ଏନ.ଏ.)

ରଘୁନାଥପୁର ତହସିଲ ଜଇଶୋଳ ପଞ୍ଚାୟତ ସାତପୁରା ଧନୀପୁର ଗାଁରେ ଗୁରୁବାର ପବନି ଭୋଇଙ୍କ ଘରେ ନିଆଁ ଲାଗି ନଡା ଛପର ୩ ବଖରା ପୋଡି ଯାଇଛି। ସନ୍ଧ୍ୟାରେ ଘର ଲୋକଙ୍କ ଅଲକ୍ଷ୍ୟରେ ବିଦ୍ୟୁତ୍ ଶର୍ଟସର୍କିଟରୁ ହଠାତ୍ ନିଆଁ ଚାଳକୁ ଧରିଥିଲା। ପରିବାର ଲୋକେ ଡାକ ପକାଇବାରୁ ପଡୋଶୀ ଆସି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ରଘୁନାଥପୁର ଦମକଳ ବାହିନୀ ପକ୍ଷରୁ ୩ ଗାଡି ଆସି ପହଞ୍ଚିବା ପୂର୍ବରୁ ଘରର ସବୁକିଛି ପୋଡି ପାଉଁଶ ହୋଇଯାଇଥିଲା। ତେବେ ଦମକଳ ବାହିନୀ ପାଣି ପକାଇ ନିଆଁକୁ ବ୍ୟାପିବାକୁ ଦେଇ ନ ଥିଲେ। ପବନିଙ୍କ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସହ ଅନ୍ୟ ସାମଗ୍ରୀ ପୋଡି ଯାଇଛି। ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସହଯୋଗ କରିଛନ୍ତି।

### ମନ୍ତ୍ରୀଙ୍କ ଅଚାନକ ମହିଳା ମହାବିଦ୍ୟାଳୟ ଗସ୍ତ



ବାଲିକୁଦା ମହାବିଦ୍ୟାଳୟ ଗସ୍ତରେ ଆସିଥିବା ମନ୍ତ୍ରୀ ରଘୁନନ୍ଦନ ଦାସ ।

ବାଲିକୁଦା,୧୯।୧୨(ସ୍ୱ.ପ୍ର.)

ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ମଧ୍ୟାହ୍ନ ସମୟରେ ଅଚାନକ ବାଲିକୁଦା ମହାବିଦ୍ୟାଳୟ ଗସ୍ତ କରି ଶିକ୍ଷାଦାନ ପଦ୍ଧତି ପରଖିଛନ୍ତି। ତାଙ୍କ ଗସ୍ତ ସମ୍ପର୍କରେ ଆଗୁଆ ସୂଚନା ନ ଥିବାରୁ ମହାବିଦ୍ୟାଳୟ କର୍ମଚାରୀମାନେ ହତବାକ୍ ହୋଇଯାଇଥିଲେ। ମନ୍ତ୍ରୀ ଦାସ ମହାବିଦ୍ୟାଳୟର ପରିଚାଳନା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଯୁକ୍ତ ୩ ଡିଗ୍ରୀ କଲେଜର ଅଧ୍ୟକ୍ଷା ତନୁଜାବାଳା କାନୁନ୍‌ଗୋ ଓ ୨ ଜୁନିୟର କଲେଜର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ସହ ବିଶେଷଭାବେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଉଭୟ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କଠାରୁ ଜାଣିବା ପରେ ସମାଧାନ ପାଇଁ ତ୍ୱରିତ ପଦକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### ପାରିବାରିକ କଳହର କରୁଣ ପରିଣତି

# ବାପଘରେ କିରୋସିନ ଢାଳି ନବବଧୂଙ୍କ ଆତ୍ମହତ୍ୟା ଉଦ୍ୟମ

ଏରସମା,୧୯।୧୨(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଧୋବେଇ ଗ୍ରାମରେ ଗୁରୁବାର ଜଣେ ନବବିବାହିତା ମହିଳା କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଏହି ଗ୍ରାମର ପ୍ରଶାନ୍ତ ମଣ୍ଡଳଙ୍କ ଝିଅ ସରସ୍ୱତୀ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ କଳହକାରଣରୁ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ପ୍ରକାଶ ଯେ,ଗତ ୫ମାସ ତଳେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଅଲଣା ଗ୍ରାମର ରମେଶ ଦାସଙ୍କ ପୁଅ ପରେଶ(ଟୁଲୁ)ଙ୍କ ସହ ସରସ୍ୱତୀଙ୍କ ବୈଦିକରିତିରେ ବିବାହ ହୋଇଥିଲା । ଗତ କିଛି ଦିନ ପୂର୍ବେ ସେ ନିଜ ବାପ ଘର ଧୋବେଇ ଗ୍ରାମକୁ ଆସିଥିଲେ । ଏହି ଗ୍ରାମର ଏକ ଟ୍ରାକ୍ଟର ଦୁର୍ଘଟଣାକୁ କେନ୍ଦ୍ରକରି ସରସ୍ୱତୀଙ୍କ ପରିବାର ସହ ଟ୍ରାକ୍ଟର ମାଲିକଙ୍କ ବିବାଦ ସୃଷ୍ଟି ହୋଇଥିଲା । ଏହାକୁ ନେଇ ସରସ୍ୱତୀଙ୍କ ପରିବାର ମଧ୍ୟରେ କଳହ ହୋଇଥିଲା। ଏଥିରେ ସରସ୍ୱତୀ ରାଗିଯାଇ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ୧୩ ଦଫା ଦାବିରେ ଧାରଣା

ବିରିଡି, ୧୯।୧୨(ଡି.ଏନ୍.ଏ.)

ବିରିଡ଼ି ବ୍ଲକ ଏସୟୁସିଆଇ କମ୍ୟୁନିଷ୍ଟ କମିଟି ପକ୍ଷରୁ ୧୩ ଦଫା ଦାବିରେ ଗୁରୁବାର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସରକାରଙ୍କ ଉଦାସୀନତା ଏବଂ ପ୍ରଶାସନିକ ଅବହେଳା ଯୋଗୁ ସାଧାରଣଲୋକଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମସ୍ତ ଜିନିଷର ଦରଦାମ ମଧ୍ୟ ବଢୁଛି। ତେବେ ପିଆଜ ଦର ସହ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ହ୍ରାସ, ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ଷଣ୍ଢ ଓ ମାଙ୍କଡ ଉପଦ୍ରବ ବନ୍ଦ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ, ଫନୀ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ସହାୟତା, ଭୂମିହୀନଙ୍କୁ ପଟ୍ଟା, ନିର୍ମାଣ ଶ୍ରମିକମାନଙ୍କୁ ପକ୍କାଘର, ପକ୍କାଘର ପାଇ ଅଧା କରି ରଖିଥିବା ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଘର କରିବା ପାଇଁ ସହାୟତା, କଟକ-ପାରାଦୀପ ରେଲୱେ ଲାଇନର ବରୁଣେଇଠାରେ ଲେଭୁଲ୍ କ୍ରସିଂ ନିର୍ମାଣ, ଚାଷୀମାନଙ୍କୁ ସରକାରୀ ସାର ବିହନ ଯୋଗାଣ ସହ କୃଷିଋଣ ଛାଡ ଦାବିରେ ଏସୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ଧାରଣା ଦିଆଯାଇଥିଲା। ସମ୍ପାଦକ ମଙ୍ଗୁଳି ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ପ୍ରକାଶ ଦାସ, ସୁବାସ ସ୍ୱାଇଁ, ଜିଲା କମିଟି ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୋଷ ଭୋଇ, ଉଗ୍ରେସନ ନାୟକ, ରମେଶ ନାୟକ, ଶୁକଦେବ ସେଠୀ, ସୁବାସ ମୁଦୁଲି ଓ କାର୍ତ୍ତିକ ମହାରଣା ପ୍ରମୁଖ ସାମିଲ ହୋଇଥିଲେ। ବିରିଡ଼ି ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା।




ବ୍ଲକ ଆଗରେ ଏସୟୁସିଆଇ କମ୍ୟୁନିଷ୍ଟ କମିଟି ସଦସ୍ୟ ଧାରଣାରେ ବସିଛନ୍ତି।

# ବିପଦକୁ ସାହସର ସହ ମୁକାବିଲା କର

ରଘୁନାଥପୁର,୧୯।୧୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଯୁକ୍ତ ୨ ଓ ୩ ଛାତ୍ରୀଙ୍କ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏ.ଡବ୍ଲ୍ୟୁ ଖାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିପଦକୁ ସାହସର ସହ ମୁକାବିଲା କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ। ତେବେ ନିଜର ସୁରକ୍ଷା ପାଇଁ ଦିଆଯାଇଥିବା ତାଲିମକୁ ଆପଣେଇବା ଅତ୍ୟନ୍ତ ଜରୁରୀ ବୋଲି ଖାନ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗୀତା ରଥ ଉପସ୍ଥିତ ହୋଇ ଏପରି କିଛି କାର୍ଯ୍ୟ କରନାହିଁ ଯାହାକି ନିଜ ଉପରକୁ ବିପଦ ଡାକି ଆଣିବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାଳିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଭଗବାନ ଦାସ, ସବ୍‌ଡିଭିଜନାଲ ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଅଧ୍ୟାପିକା ଡ. ବିରଶ କୁମାରୀ ନାୟକ ଏ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଅଧ୍ୟାପିକା ତଥା ଯୁକ୍ତ ୩ ବର୍ଷର ସଂଯୋଜିକା ସ୍ମିତାରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୬୦ ଛାତ୍ରୀ ଓ ଅଧ୍ୟାପକ ତଥା ଯୁକ୍ତ ୨ ବର୍ଗର ସଂଯୋଜକ ବଳରାମ ପାଳଙ୍କ ନେତୃତ୍ୱରେ ୧୨୦ ଛାତ୍ରୀ ଏହି କୌଶଳ ସମ୍ପର୍କରେ ୧୨ ଦିନ ଧରି ପ୍ରଶିକ୍ଷଣ ନେବେ। ମାଷ୍ଟର ଟ୍ରେନର ଭାବେ ରଶ୍ମିତା ବିଶ୍ୱାଳ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ଅବସରରେ କେତେଜଣ ଛାତ୍ରୀ ନିଜର ଅନୁଭୂତି ରଖିବା ସହ ସୁରକ୍ଷା ଅଧିକାରୀଙ୍କ ନିକଟରେ ପୂର୍ବରୁ ଶିଖିଥିବା କୌଶଳ ଦେଖାଇଥିଲେ। ଅଧ୍ୟାପକ ପ୍ରତାପ କୁମାର ଲେଙ୍କା ସ୍ୱାଗତ ଭାଷଣ ସହ ସଭା ପରିଚାଳନା, ଅଧ୍ୟାପକ ପାଳ ଅତିଥି ପରିଚୟ ଓ ଅଧ୍ୟାପିକା ପ୍ରଦାନ ଧନ୍ୟବାଦ ଦେଇଥିଲେ।




ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ରଘୁନାଥପୁର ବିସି କଲେଜ**

# ବିପଦରେ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ

ଜଗତ୍‌ସିଂହପୁର ଅଫିସ, ୧୯।୧୨

**ଅବାଧରେ ଚାଲିଛି ଗଛ କଟା**

- ପ୍ରଭାବିତ ହେଉଛନ୍ତି ବନ୍ୟପ୍ରାଣୀ
- ରେଢୁଆ-ନାଳିବର ରାସ୍ତାର ଉଭୟ ପାର୍ଶ୍ୱରୁ କଟାଯାଉଛି ଗଛ
- ବିଭାଗ ପକ୍ଷରୁ ନିଆଯାଉନି କାର୍ଯ୍ୟାନୁଷ୍ଠାନ



ଜଗତ୍‌ସିଂହପୁର ଜିଲାରେ ଅବାଧରେ ଚାଲିଛି ଗଛ କଟା। ଏହାଉପରେ କଟକଣା ଥିଲା ପରି ଅନୁଭବ ହେଉନାହିଁ। ପ୍ରତିବର୍ଷ ବୃକ୍ଷରୋପଣ ନାଁରେ ବହୁ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଗୋଦରା କୋଡ଼େ ଯେତେ ମାଡେ ସେତେ ନ୍ୟାୟରେ ଯେତିକି ଗଛ ଲାଗୁଛି ଅନୁରୂପ ହାରରେ କଟା ମଧ୍ୟ ଚାଲିଛି। ମାତ୍ର ବୃକ୍ଷରୋପଣ ନାଁରେ ମିଥ୍ୟା ବିଲ୍ କରାଯାଉଛି । ଚଳିତବର୍ଷ ବାତ୍ୟା ଫନୀ ଓ ବୁଲ୍‌ବୁଲ୍ ପ୍ରଭାବରେ ବହୁ ସଂଖ୍ୟାରେ ଗଛ ଭାଙ୍ଗି ଯାଇଥିଲା। ଏହି ଆଳରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀମାନେ ଏକପ୍ରକାର ନିଜକୁ ସୁରକ୍ଷିତ ମଣିଛନ୍ତି । ଅପରପକ୍ଷେ ଅବାଧରେ ଗଛକଟା ଯୋଗୁ ଜିଲା ମୁଖ୍ୟାଳୟଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଥିବା ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ ଏବେ ବିପଦରେ। ଏ ନେଇ ଜିଲାରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ଜଙ୍ଗଲ ବିଶେଷକରି ହରିଣମାନଙ୍କ ପାଇଁ ପରିଚିତ। ସହସ୍ରାଧିକ ହରିଣ ଏହି ଜଙ୍ଗଲରେ ରହୁଛନ୍ତି। ଏଥିସହ ଅନ୍ୟ ବନ୍ୟପ୍ରାଣୀ ମଧ୍ୟ ଦେଖିବାକୁ ମିଳେ। ଜଙ୍ଗଲରେ ବହୁ ମୂଲ୍ୟବାନ ବୃକ୍ଷ ରହିଛି । ଉକ୍ତ ଜଙ୍ଗଲରୁ ପ୍ରତ୍ୟହ ମୂଲ୍ୟବାନ ବୃକ୍ଷ ଚୋରାଚାଲାଣ ହେବାରେ ଲାଗିଛି । ଏଥିଯୋଗୁ ବନ୍ୟପ୍ରାଣୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ଜଙ୍ଗଲ ଭିତରେ ବନ ବିଭାଗର ବିଟ୍ ହାଉସ୍ ରହିଛି । କିନ୍ତୁ ଗଛ ଚୋରାଚାଲାଣ ରୋକାଯାଉନାହିଁ। ସେହିପରି ଜଙ୍ଗଲ ନିକଟରେ ରହିଛି ରେଢୁଆ ହାଟ । ଏହି ହାଟ ନିକଟ ରେଢୁଆ-ନାଳିବର ରାସ୍ତା ପାର୍ଶ୍ୱରେ ୧୫ ବର୍ଷ ପୂର୍ବରୁ ବୃକ୍ଷ ରୋପଣ ହୋଇଥିଲା। ୨୦୦୫-୦୬ରେ ୪ କିଲୋମିଟର ଲମ୍ବ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଆକାଶିଆ, ରାଧାଚୂଡା, କୃଷ୍ଣଚୂଡା, ଶିଶୁ, କଦମ୍ବ ଓ ନିମ୍ବ ଆଦି ଗଛ ଲାଗିଥିଲା । ଉଦ୍ଦେଶ୍ୟ ଥିଲା ମୃତ୍ତିକା ସଂରକ୍ଷଣ ସହ ସୁନ୍ଦର ପରିବେଶ ଓ ବାଟୋଇଙ୍କୁ ପ୍ରବଳ ଖରା ସମୟରେ ଛାଇ ଦେବା । ଏହି ଗଛଗୁଡିକ ମଧ୍ୟରୁ ଅନେକ ଆବଶ୍ୟକ ଯତ୍ନ ଅଭାବରୁ ମରିଯାଇଥିବାବେଳେ ଅବଶିଷ୍ଟ ଗଛଗୁଡିକ ବହୁ କଷ୍ଟରେ ବଡ଼ ହୋଇଥିଲା । ଏହି ଗଛ ମଧ୍ୟରୁ ଆକାଶିଆ ଓ ଅନ୍ୟ ଗଛଗୁଡିକର ଗୋଲେଇ ଇତିମଧ୍ୟରେ ପାଖାପାଖି ୧ ଫୁଟରୁ ଅଧିକ ହୋଇଗଲାଣି । କିନ୍ତୁ ଦୁଃଖର ବିଷୟ ହେଲା ଏହି ଗଛଗୁଡିକ ଉପରେ ଏବେ ଜଙ୍ଗଲ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ବିଶେଷକରି ଆକାଶିଆ ଗଛର ଚାହିଦା ବଜାରରେ ଅଧିକ ରହିଛି। ତେଣୁ ଏସବୁ ଗଛଗୁଡ଼ିକୁ ମାଫିଆମାନେ ଚୋରା ଚାଲାଣ କରୁଛନ୍ତି। ବନ ବିଭାଗ କର୍ମଚାରୀମାନେ ସବୁଜାଣି ସୁଦ୍ଧା ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏପରି କି ଜିଲା ମୁଖ୍ୟାଳୟରେ ଅବାଧରେ ଗଛ କଟା ଚାଲିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ । ଜିଲାର ବିଭିନ୍ନ ରାସ୍ତା ପାର୍ଶ୍ୱ ଓ ଅନ୍ୟ ସ୍ଥାନରୁ ଚାଲିଥିବା ଗଛକଟା ଉପରେ ଅଙ୍କୁଶ ଲଗା ନ ଗଲେ ଆଗକୁ ପରିସ୍ଥିତି ଜଟିଳ ରୂପ ନେବ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ଧଳତଙ୍ଗଗଡ଼ ରେଞ୍ଜ ଅଫିସର ବଳରାମ ସାହୁ କହିଛନ୍ତି, ଅବାଧ ଗଛକଟା ରୋକିବା ଲାଗି ଆଗକୁ ପାଟ୍ରୋଲିଂକୁ କଡାକଡି କରାଯିବ।

## ସାନଭାଇଙ୍କ ଶୁଦ୍ଧିକ୍ରିୟାବେଳେ ବଡ଼ଭାଇଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧୯।୧୨(ଡି.ଏନ.ଏ)**

ବଡ଼ଚଣା ବ୍ଲକ ଗରଗାଲି ଗ୍ରାମରେ ଗୁରୁବାର ସାନଭାଇଙ୍କ ଶୁଦ୍ଧିକ୍ରିୟା ଚାଲିଥିଲାବେଳେ ବଡ଼ଭାଇଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ବଡ଼ଚଣା ବ୍ଲକ କୁନ୍ଦଳ ପଞ୍ଚାୟତରେ ଦେଖିବାକୁ ମିଳିଛି। ସୂଚନା ଥାଉକି, ଉକ୍ତ ପଞ୍ଚାୟତ ଗରଗାଲି ଗ୍ରାମର ପ୍ରଭାକର ସାମଲ(୯୦)ଙ୍କର ଗତ ୧୦ ତାରିଖରେ ପରଲୋକ ହୋଇଥିଲା। ପରିବାର ଓ ସମ୍ପର୍କୀୟ ଗୁରୁବାର ତାଙ୍କ ଦଶାହ କ୍ରିୟା କରୁଥିଲେ। ଏହି ସମୟରେ ଦୀର୍ଘଦିନ ହେବ ରୋଗ ଶଯ୍ୟାରେ ପଡ଼ିଥିବା ତାଙ୍କ ବଡ଼ଭାଇ ବୈରାଗି ସାମଲ (୯୩)ଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଖବର ପାଇ ଦଶତୁଠରେ କ୍ରିୟା କାର୍ଯ୍ୟ କରୁଥିବା ପରିବାର ଲୋକେ ପୁନର୍ବାର ଘରକୁ ଫେରି ସ୍ୱର୍ଗତ ବୈରାଗୀ ସାମଲଙ୍କ ଅନ୍ତେଷ୍ଟି କ୍ରିୟା କରିଥିଲେ।

**■୩୩ନଂ. ଜୋନ ସଭ୍ୟପଦ ଅଯୋଗ୍ୟ ରାୟକୁ ଚ୍ୟାଲେଞ୍ଜ**

# ହାଇକୋର୍ଟ ଗଲେ ଅଯୋଗ୍ୟ ଘୋଷିତ ଝରଣା

**ରସୁଲପୁର,୧୯।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ଦୌରାଜଜ୍ ତଥା ନିର୍ବାଚନ ପ୍ରାଧିକରଣ ଦ୍ୱାରା ଯାଜପୁର ଜିଲା ପରିଷଦର ୩୩ନମ୍ବର ଜୋନ୍ ସଭ୍ୟପଦରୁ ଅଯୋଗ୍ୟ ଘୋଷିତ ହେବାପରେ ଝରଣା ରାଉତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ହାଇକୋର୍ଟରେ ଇଲେକ୍ସନ୍ ଅପିଲ୍ ନଂ. ୩/୨୦୧୯ରେ ଏକ ମାମଲ ରୁଜୁ ହୋଇଛି। ବୁଧବାର ଏହି ମାମଲା ଜଷ୍ଟିସ୍ ବି.ଆର. ଷଡ଼ଙ୍ଗୀଙ୍କ ଖଣ୍ଡପୀଠରେ ଉଠିଥିଲା।ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪କୁ ଧାର୍ଯ୍ୟ ହୋଇଛି। ଅପରପକ୍ଷେ ଏହି ନିର୍ବାଚନୀ ମାମଲା କରିଥିବା ସେହି ଜୋନ୍‌ର

### ସଭ୍ୟପଦ ପୂରଣ ପାଇଁ ଜିଲାପାଳଙ୍କୁ ଲେଖିଲେ ଜୟଶ୍ରୀ

ଭାଜପା ପ୍ରାର୍ଥିନୀ ଜୟଶ୍ରୀ ସାହୁ ଜିଲା ଦୌରାଜଜ୍‌ଙ୍କ ରାୟକୁ ଆଧାର କରି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବରେ ଅବଗତି କରାଇଛନ୍ତି। ଓଡ଼ିଶା ଜିଲା ପରିଷଦ ଆଇନର ଧାରା ୩୨(୩) ପ୍ରକାରେ ନିର୍ବାଚନୀ ବିବାଦର ବିଚାରକରି ଯଦି ଅଦାଲତ ସମ୍ପୃକ୍ତ ଆସନକୁ ପଦମୁକ୍ତ ଘୋଷଣା କରନ୍ତି ତେବେ ସେ ସ୍ଥାନ ପୂରଣ ନିମନ୍ତେ ସେ ଯୋଗ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦବା କଥା। ଇଲେକସନ୍ କେସ୍ ନଂ– ୩/୨୦୧୭ରେ ଯାଜପୁର ଜିଲା ଦୌରାଜଜ୍‌ଙ୍କ ପ୍ରଦତ୍ତ ରାୟର ଆଦେଶ ଅଂଶରେ ୩୩ ନମ୍ବର ଜୋନର ସଭ୍ୟପଦ ପୂରଣା ପାଇଁ ନିର୍ବାଚନ କମିଶନ ସାନି ନିର୍ବାଚନ କରିବା କଥା। ତେଣୁ ସମ୍ପୃକ୍ତ ଅଧିକାରୀ ନିର୍ବାଚନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ଅଧିକାରୀ ନିଜେ ଜିଲାପାଳ ହୋଇଥିବାରୁ ଜୟଶ୍ରୀ ବୁଧବାର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅଦାଲତଙ୍କ ରାୟର ସ୍ୱୀକୃତ ନକଲ ସହ ପଦ ପୂରଣ ପାଇଁ ନିବେଦନ କରିଛନ୍ତି।






# ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ଡିଇ ଉପନିର୍ଦ୍ଦେଶକ

**ଯାଜପୁର ଅଫିସ/ ବରୀ(ସ୍ୱ.ପ୍ର.),୧୯।୧୨**

ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର(ଏଏସ୍) ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତାକୁ ନେଇ ଏକ ଗୁରୁତର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ(ଆରଡିଇ)ର ଉପନିର୍ଦ୍ଦେଶକ ତଦନ୍ତ କରି ୭ ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ସହ ଏକ ସତ୍ୟାପଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ ସୁଧୀର କୁମାର ରାଉତ ଏଏସ୍ ଡିଗ୍ରୀ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଥାଇ ସାହାସପୁର ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟରେ ମଧ୍ୟ ଗତ ୧୨।୭।୧୯୯୭ ଠାରୁ ଅଧ୍ୟକ୍ଷ ପଦରେ କାର୍ଯ୍ୟ କରିଛନ୍ତି। ଏହାସହ ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅଧିବେଶନ–



### ୭ଦିନ ମଧ୍ୟରେ ଶପଥ ପତ୍ର ଦାଖଲ

୫ରେ ତାଙ୍କୁ ଅଧ୍ୟାପକ ଭାବେ ପତ୍ରସଂଖ୍ୟା ୩/୧୨।୭।୧୯୯୭ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଲୋକାଲ ଏଡିଭିଟି ନଂ–୧ ଅନୁଯାୟୀ ନିଯୁକ୍ତି ଦିଆଯାଇଛି। ତଦନୁସାରେ ରାଉତ ଉକ୍ତ ସଂସ୍କୃତ କଲେଜରେ ଯୋଗଦାନ କରିଛନ୍ତି। ରାଉତ ଅଧ୍ୟକ୍ଷ ଥିବା ସମୟରେ ୧୯।୧।୨୦୦୧ତାରିଖରେ କଲେଜ ଖୋଲିବା ପାଇଁ ଅନୁମତି ନୀରିକ୍ଷଣ(ପରମିଶନ

### ଦୁଇଟି କଲେଜରେ ଜଣେ ଅଧ୍ୟକ୍ଷ

ଇନ୍ସପେକ୍ସନ) କରାଇଛନ୍ତି। ଏମିତିକି ସରକାରଙ୍କଠାରୁ ୨୦୦୮ ଅଗଷ୍ଟ ମାସରେ ବ୍ଲକ ଗ୍ରାଣ୍ଟ ଦରମା ମଧ୍ୟ ସେ ପାଇଛନ୍ତି। ବର୍ତ୍ତମାନ ଏଏସ୍ ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ପୂର୍ବତନ ଇତିହାସ ବିଭାଗ ଅଧ୍ୟାପକ ସୁଧୀର କୁମାର ରାଉତ ୨୭।୪।୧୯୯୯ ତାରିଖରୁ ନିଯୁକ୍ତି ପାଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପତ୍ରସଂଖ୍ୟା ୪୭୭୨୨/୧୨।୧୧।୨୦୧୨ରେ ତାଙ୍କ ନିଯୁକ୍ତି ମଞ୍ଜୁର ହୋଇ ସରକାରଙ୍କଠାରୁ ଦରମା ପାଇଆସୁଛନ୍ତି। ଏଭଳି ଭାବରେ ଦୁଇଟି କଲେଜରେ ଚାକିରି କରି କିଭଳି ଭାବରେ ଏଏସ୍ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ହୋଇଛନ୍ତି ତାହା ତଦନ୍ତ ସାପେକ୍ଷ। ଏନେଇ ସବିଶେଷ କାଗଜପତ୍ର ସଂଲଗ୍ନ କରି ବରୀ ପ୍ରେସ୍ କ୍ଲବର ସଭାପତି ପି. ମହାନ୍ତି ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅଭିଯୋଗ ଉପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ତାଙ୍କ ପତ୍ରସଂଖ୍ୟା ୧୧୩୪୩/୧୬।୧୨।୨୦୧୯ରେ ଏଏସ୍ ଡିଗ୍ରୀ କଲେଜ ବାଲିଆ/ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ନିର୍ଦ୍ଦେଶରେ ପତ୍ର ପାଇବାର ୭ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ସହ ଏକ ଶପଥ ପତ୍ର ଦାଖଲ କରିବାକୁ ଦର୍ଶାଯାଇଛି। ତେବେ ଏ ସଂକ୍ରାନ୍ତରେ ଏଏସ୍ ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କୁ ପଚାରିବାରେ ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ଭାବେ ମିଛ। ସବୁପ୍ରକାର ତଦନ୍ତର ସମ୍ମୁଖୀନ ହେବାକୁ ସେ ପ୍ରସ୍ତୁତ ଅଛନ୍ତି ବୋଲି ରାଉତ କହିଛନ୍ତି।

# ମଧ୍ୟପ୍ରଦେଶ ଫେରିଯିବ 'ସୁନ୍ଦରୀ'

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ସାତକୋଶିଆରୁ ମଧ୍ୟପ୍ରଦେଶ ଫେରିଯିବ ବାଘୁଣୀ 'ସୁନ୍ଦରୀ'। ଯଥାଶୀଘ୍ର ଫେରାଇ ଦେବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମହାବୀର ବାଘର ମୃତ୍ୟୁ ଏବଂ ସୁନ୍ଦରୀ ବାଘୁଣୀକୁ ପରିଚାଳନାରେ ବିଫଳତା ପାଇଁ ଓଡ଼ିଶା ବନ ବିଭାଗକୁ ଦାୟୀ କରିଛି ଏନ୍‌ଟିସିଏ। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଟିସିଏ ଗୁରୁବାର ଲେଖିଥିବା ଚିଠିରେ କଡ଼ା ଭାଷାରେ ଭର୍ତ୍ସନା କରାଯାଇଛି। ବନ ବିଭାଗର ସବୁ ଦୋଷ ଓ ଦୁର୍ବଳତାକୁ ଚିଠିରେ ଟିକିନିଖି ଉଲ୍ଲେଖ କରିଛନ୍ତି ଏନ୍‌ଟିସିଏ ଡିଆଇଜି ସୁରେନ୍ଦର୍ ମେହେଟ୍ଟା।

ମହାବୀରର ମୃତ୍ୟୁ ପରେ ଏନ୍‌ଟିସିଏ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଚିଠି ଲେଖିଥିଲେ। ମୃତ୍ୟୁର ଏକାଧିକ କାରଣ ଦର୍ଶାଇବା ସହ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପାରିସ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ଏଥର ଆଉ ବନ ବିଭାଗକୁ ଭରସା ନ କରି ଏନ୍‌ଟିସିଏ ସିଧା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ବନ ବିଭାଗର କାରସାଦିକୁ ଖୁଲାସା କରିଥିବା କୁହାଯାଉଛି। ଏହି ଚିଠିରେ ୪ ମୁଖ୍ୟ ବିଷୟରେ ବନ ବିଭାଗର ଅନେକ ଦୁର୍ନୀତି ଏବଂ ଅବହେଳା ଉଲ୍ଲେଖ କରାଯାଇଛି। ପ୍ରଥମତଃ ବନ ବିଭାଗ ତରଫରୁ ମହାବୀର ଓ ସୁନ୍ଦରୀକୁ ମନିଟରିଂବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର(ଏସ୍‌ଓପି) ପାଳନ ହୋଇ ନ ଥିଲା। ଏନ୍‌ଟିସିଏ ବାରମ୍ବାର ଚିଠି ଲେଖିଥିଲେ ମଧ୍ୟ ବନ ବିଭାଗ ଆଦୌ ଗୁରୁତ୍ୱ ଦେଇ ନ ଥିଲା। ଦ୍ୱିତୀୟତଃ ସୁନ୍ଦରୀକୁ ଧରିବାବେଳେ ଏନ୍‌ଟିସିଏ ଗାଇଡ୍‌ଲାଇନ ପାଳନ ହୋଇନାହିଁ ଏବଂ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ର ଉଲ୍ଲଂଘନ ହୋଇଛି। ଖାଲି ସେତିକି ନୁହେଁ, ବର୍ଷେରୁ ଅଧିକ ସମୟ ଧରି ଏକ ଛୋଟ ଏନ୍‌କ୍ଲୋଜର ମଧ୍ୟରେ ଆବଦ୍ଧ କରି ରଖାଯାଇଥିଲା। ତୃତୀୟ ଯଥେଷ୍ଟ ଅର୍ଥର ବ୍ୟବସ୍ଥା ଓ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଇଥିଲେ ମଧ୍ୟ ବନ ବିଭାଗ ତାହା ଅପବ୍ୟବହାର କରିଛି। ଚତୁର୍ଥରେ ସବୁଠାରୁ ବଡ଼ ଅଭିଯୋଗ ହେଲା, ଭାରତ ସରକାରଙ୍କ ଅନୁମତି ବିନା ବ୍ୟାଘ୍ର ପ୍ରକଳ୍ପ ପାଇଁ ଆସିଥିବା ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇଛି। ତେଣୁ ସୁନ୍ଦରୀକୁ ଆଉ ଛୋଟ ଏନ୍‌କ୍ଲୋଜର ମଧ୍ୟରେ ରଖିବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ମୁଖ୍ୟ ଶାସନ ସଚିବ ଯଥାସମ୍ଭବ ଶୀଘ୍ର ବ୍ୟବସ୍ଥା କରିବାକୁ ଚିଠିରେ ଅନୁରୋଧ କରାଯାଇଛି। ଏଥିସହିତ ଏନ୍‌ଟିସିଏ ଗାଇଡ୍‌ଲାଇନ ଓ ଏସ୍‌ଓପି ପାଳନ କରା ନ ଯିବା ପର୍ଯ୍ୟନ୍ତ ସାତକୋଶିଆରେ ବ୍ୟାଘ୍ର ପ୍ରକଳ୍ପକୁ ସ୍ଥଗିତ ରଖାଗଲା ବୋଲି ଚିଠିରେ ଉଲ୍ଲେଖ ରହିଛି।

ଅନ୍ୟପକ୍ଷରେ ବନ ବିଭାଗର ଏହି ବିଫଳତା ସାମ୍ନାକୁ ଆସିବା ପରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଦାବି କରିଛନ୍ତି।






# ଅଭିଯୁକ୍ତ ସ୍ୱାମୀଙ୍କୁ ଅଢ଼େଇ ବର୍ଷ ଜେଲ ଦଣ୍ଡାଦେଶ

**ଯାଜପୁର ଅଫିସ,୧୯।୧୨**

ଯୌତୁକ ନିର୍ଯାତନା ମାମଲାର ବିଚାର କରି ଯାଜପୁରର ସହକାରୀ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ପ୍ରଦ୍ୟୋମୟୀ ସୁଜାତା ଅଭିଯୁକ୍ତ ସ୍ୱାମୀଙ୍କୁ ଅଢ଼େଇ ବର୍ଷ ଜେଲ ଦଣ୍ଡ ରାୟ ପ୍ରକାଶ କରିଛନ୍ତି। ଏହାସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୦ରେ କୁଆଖିଆ ଥାନା ଅନ୍ତର୍ଗତ ଗରିପୁର ଗ୍ରାମର କୁନା ଭାବିଙ୍କୁ ପାଣିକୋଇଲି ଥାନା ଗୋଳେଇପୁର ଗ୍ରାମର ବିଷ୍ଣୁ ଦାସଙ୍କ ଝିଅ ମାମିନା ହିନ୍ଦୁ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଭାବିଙ୍କ ପରିବାର ପକ୍ଷରୁ ହୋଇଥିବା ଦାବୀ ମୁତାବକ ୭୦ ହଜାର ଟଙ୍କା, ସୁନାଗହଣା ଓ ଅନ୍ୟ ଘରୋଇ ଉପକରଣ ଯୌତୁକ ବାବଦକୁ ଦିଆଯାଇଥିଲା। ମାତ୍ର ଏହି ବିବାହର କିଛିଦିନ ପରେ ମାମିନାଙ୍କ ସ୍ୱାମୀ କୁନା ଅଧିକ

### ଯୌତୁକ ନିର୍ଯାତନା ମାମଲା

୩୦ ହଜାର ଟଙ୍କା ଯୌତୁକ ବାବଦକୁ ବାପଘରୁ ଆଣିବା ପାଇଁ ଚାପ ପକାଇବା ସହିତ ନିୟମିତ ଭାବେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ମାମିନା ଏନେଇ ଶେଷରେ ଘର ଲୋକଙ୍କୁ ଜଣାଇଥିଲେ। ୨୭।୨।୨୦୧୮ରେ ଶ୍ୱଶୁର ଘର ଲୋକେ ମାମିନାଙ୍କ ବାପାଙ୍କୁ ଫୋନ୍ କରି ତୁମ ଝିଅ ତା ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ନେଇ ଜଣାଇଥିଲେ। ଅଧିକ ଯୌତୁକ ପାଇଁ ମାମୀନାଙ୍କୁ ସ୍ୱାମୀ କିରୋସିନ ଢ଼ାଳି ମାରିଦେଇଛି ବୋଲି ବାପଘରଲୋକେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କୁଆଖିଆ ପୋଲିସ ଆଇପିସି ଦଫା ୪୯୮(କ)/୩୦୬ରେ ଏକ ମାମଲା (ନମ୍ବର ୪୩/୧୮) ରୁଜୁ କରି ଅଭିଯୁକ୍ତ ସ୍ୱାମୀ କୁନା ଭାବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଏହି ମାମଲାର ଶୁଣାଣି କରି ଅଦାଲତ ୧୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ପରିଚାଳନା କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମେ ଜନ୍ମ ହେବାବେଳେ ତୁମକୁ ଦେଖି ସମସ୍ତେ ହସିଥିଲେ। କିନ୍ତୁ ତୁମେ କାନ୍ଦିଥିଲ। ଏଠାରେ ଏପରି କାମ କର, ଯେତେବେଳେ ତୁମେ ଏ ଜଗତରୁ ହସି ହସି ବିଦାୟ ନେଉଥିବ, ସମସ୍ତେ କାନ୍ଦୁଥିବେ।

- ତୁଳସୀ ଦାସ



## ସଂକ୍ଷେପରେ

### ଭତ୍ତା ଟଙ୍କା ହଡପ ଅଭିଯୋଗ

ଗଣିଆ,୧୯।୧୨(ଡି.ଏନ.ଏ.)- ଗଣିଆ ବ୍ଲକ କରଡାପଡା ପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କ ନାମରେ ଭତ୍ତା ହଡପ ଅଭିଯୋଗ ହୋଇଛି । ଏ ନେଇ ପଞ୍ଚାୟତର ରଗଡିସାହି ଗ୍ରାମର ବାସିନ୍ଦା ମାନେ ଗଣିଆ ବିଡିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରଗଡିସାହି ଗ୍ରାମର ମୃତ ଲୋକନାଥ ବେହେରାଙ୍କ ସ୍ତ୍ରୀ ବୃଦ୍ଧା ଅମରି ବେହେରାଙ୍କ ନାମରେ ଗତ ଜୁଲାଇ ମାସଠାରୁ ୫୦୦ଟଙ୍କା ପରିବର୍ତ୍ତେ ବର୍ଦ୍ଧିତ ଭତ୍ତା ୭୦୦ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସମ୍ପୃକ୍ତ ସରପଞ୍ଚ ଓ ପିଇଓ ୭୦୦ଟଙ୍କା ପରିବର୍ତ୍ତେ ତାଙ୍କୁ ୫୦୦ଟଙ୍କା ଦେଇ ଆସୁଛନ୍ତି । ତେଣୁ ୨୦୦ଟଙ୍କା ହଡପ କରାଯାଇ ଆସୁଥିବା ଅଭିଯୋଗ ହୋଇଛି । ତେବେ ଗତ ୯ତାରିଖରେ ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ନୟାଗଡ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏହି ପଞ୍ଚାୟତର ଜଣେ ବୃଦ୍ଧା ନିଆଶା ଦେଇ ସମ୍ପୃକ୍ତ ପିଇଓଙ୍କ ନାମରେ ଭତ୍ତା ଟଙ୍କା ହଡପ କରିଥିବା ଅଭିଯୋଗ ଆଣିଥିଲେ । ଜିଲାପାଳ ଉକ୍ତ ଘଟଣାରେ ତୁରନ୍ତ ପଦକ୍ଷେପ ନେଇ ପିଇଓଙ୍କୁ ଚାକିରୀରୁ ନିଲମ୍ବନ କରିବା ସହ ଗଣିଆ ଥାନାରେ ଏତଲା କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଉକ୍ତ ଘଟଣା ପରେ ପୋଲିସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ପିଇଓ ଫେରାର ହୋଇଯାଇଛନ୍ତି । ଏ ସମ୍ପର୍କରେ ଗଣିଆ ବିଡିଓ ମାନସ ରଞ୍ଜନ ସାମଲଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ସମ୍ପୃକ୍ତ ସରପଞ୍ଚଙ୍କୁ ଏ ସମ୍ପର୍କରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଟ୍ରକ ପଛରେ ପିଟିହେଲା ଡମ୍ଫର

ନୂଆଗାଁ,୧୯।୧୨(ଡି.ଏନ.ଏ.)-ନୟାଗଡ ଜିଲା ନୂଆଗାଁ ଥାନା ସମ୍ପଡା ବାଙ୍କ ନିକଟରେ ଗୁରୁବାର ଭୋର ସମୟରେ ଗୋଟିଏ ମାଲ ବୋଝେଇ ଟ୍ରକ ପଛରେ ଡମ୍ଫର ପିଟି ହେବା ଫଳରେ ଡମ୍ଫରଟି ଚୂରମାର ହୋଇଯାଇଛି। ତେବେ ଡମ୍ଫର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଗୋଟିଏ ମକା ବୋଝେଇ ଟ୍ରକ ନୟାଗଡ ଅଭିମୁଖେ ଯାଉଥିବା ବେଳେ ଗୋଟିଏ ମେଣ୍ଟାଲ ବୋଝେଇ ଡମ୍ଫର ( ନଂ.ଓଡି୦୨ ଏଏମ ୨୭୬୬)ସମ୍ପଡା ବାଙ୍କ ନିକଟରେ ଟ୍ରକ ପଛରେ ପିଟି ହୋଇଯାଇଥିଲା । ଡମ୍ଫର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଡ୍ରାଇଭରଙ୍କ ଗୋଡରେ ଆଘାତ ଲାଗିଥିବା ଜଣାପଡିଛି । ଆହତ ଡ୍ରାଇଭରଙ୍କୁ ନୂଆଗାଁ ଦମକଳବାହିନୀ ଗାଡି ସାହାଯ୍ୟରେ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଖବର ପାଇ ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଡମ୍ଫରକୁ ଜବତ କରିଥିବା ନୂଆଗାଁ ଆଇଆଇସି ମନୋରମା ମଲିକ ସୂଚନା ଦେଇଛନ୍ତି।




# ପଠାଣି ସାମନ୍ତ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ

ଖଣ୍ଡପଡା,୧୯।୧୨(ସ୍ୱ.ପ୍ର.)

ଓଡିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦର ମିଳିତ ଆନୁକୂଲ୍ୟରେ ଗୁରୁବାର ଖଣ୍ଡପଡା ସାଇ ବୃନ୍ଦାବନ ସେବାଧାମ ପରିସରରେ ବିଶ୍ୱ ବରେଣ୍ୟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ୧୮୫ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ତିଥି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୩୦ ତମ ଶିଶୁମେଳା ମଧ୍ୟ ଆୟୋଜିତ ହୋଇଥିଲା। ଉତ୍ସବରେ ପଠାଣି ସାମନ୍ତ ମେମୋରିଆଲ ପରିଷଦର ସମ୍ପାଦକ ତଥା ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଅଧ୍ୟକ୍ଷତା କରି ପଠାଣି ସାମନ୍ତଙ୍କ ଜୀବନୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଜୟନ୍ତୀ ରଥ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ସେହିପରି ସମ୍ମାନିତ ବକ୍ତା ଭାବେ କଟକ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ଅକ୍ଷୟ କୁମାର ଷଡ଼ଙ୍ଗୀ




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟନ୍ତୀ ରଥ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଏବଂ ସମ୍ମାନିତ ଅତିଥି ଭାବେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ନିର୍ମଳଚନ୍ଦ୍ର ଶୂରଦେଓ, ଅବସରପ୍ରାପ୍ତ ପ୍ରଶାସକ ଭାରତୀ ଭୂଷଣ ମିଶ୍ର, ଶିଶୁ କବି କାଶୀନାଥ ଦାସ ଓ କୁନି ପ୍ରତିଭା ରୁପାଲୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସାମନ୍ତଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଖଣ୍ଡପଡା ସହରର ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁ କିଶୋର ସିଂହ ସାମନ୍ତଙ୍କ ଦ୍ୱାରା ପ୍ରସ୍ତୁତ ସାଇବାବାଙ୍କ ଏକ ତୈଳଚିତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପଠାଣି ସାମନ୍ତ ସାରା ବିଶ୍ୱରେ ଜଣେ ବିଶିଷ୍ଟ ବୈଜ୍ଞାନିକ ଥିଲେ। ସାମନ୍ତ ଚନ୍ଦ୍ର ଶେଖର ଦୁଇଖଣ୍ଡ ବାଉଁଶ ନଳୀ ସାହାଯ୍ୟରେ ଗ୍ରହ ନକ୍ଷତ୍ରର ଗତିବିଧି ଲକ୍ଷ୍ୟ କରି ପାରୁଥିବା ବେଳେ ଦୂର ପାହାଡକୁ ମାପି ତାହାର ଉଚ୍ଚତା ନିରୂପଣ କରି ପାରୁଥିଲେ । ସେ ସିଦ୍ଧାନ୍ତ ଦର୍ପଣ ରଚନା କରିଥିଲେ । ଗଭୀର ଆତ୍ମବିଶ୍ୱାସରୁ ତାଙ୍କୁ ସଫଳତା ମିଳିଥିଲା । ପଠାଣି ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ । ଏଭଳି ଜଣେ ପ୍ରତିଭାବାନ୍ ବ୍ୟକ୍ତି ଖଣ୍ଡପଡ଼ା ମାଟିରେ ଜନ୍ମଗ୍ରହଣ କରି ସାରା ବିଶ୍ୱବାସୀଙ୍କୁ ଦିଗ୍‌ଦର୍ଶନ ଦେଇଥିବାରୁ ଖଣ୍ଡପଡା ମାଟି ଆଜି ଧନ୍ୟ

#### ପଠାଣି ସାମନ୍ତଙ୍କ ଜନ୍ମମାଟିରେ ଜୟନ୍ତୀ ପାଳିତ

ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆୟୋଜିତ ଶିଶୁମେଳାରେ ସରସ୍ୱତୀ ଶିଶୁମନ୍ଦିର ଖଣ୍ଡପଡା ଓ ଖଳିସାହିର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପଦାରବିନ୍ଦ ଦାଶ ଓ କ୍ରିଷ୍ଣା ପଣ୍ଡା ଗୀତା ଶ୍ଳୋକ ଆବୃତ୍ତି କରିଥିବା ବେଳେ କୁନି ପ୍ରତିଭା ରୁପାଲୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଉତ୍ସବରେ ଖଣ୍ଡପଡା ସମେତ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସାମନ୍ତଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ବିଭିନ୍ନ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡା,୧୯।୧୨(ସ୍ୱ.ପ୍ର.)

କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ମଙ୍ଗଳବାର ପୂର୍ବାହ୍ନରେ ନୀଳମାଧବଜୀଉଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଶ୍ରୀଜୀଉଙ୍କ ଆଜ୍ଞାମାଳ ଆଣିଥିଲେ। ପରେ ଏକ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ପଲଟନ ପଡିଆକୁ ଆସିଥିଲେ। ପଲଟନ ପଡିଆରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ଚନ୍ଦ୍ର ସାହୁ ବିଦ୍ୟାଳୟର କ୍ରୀଡା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସେଠାରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା । ଗୁରୁବାର ଉଦ୍‌ଯାପନୀ ଦିବସରେ ମଧ୍ୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

■ ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ

## ମଙ୍ଗଳା କ୍ଲବ କଟକ ଚାମ୍ପିୟନ

ବୋଲଗଡ଼,୧୯।୧୨(ଡି.ଏନ.ଏ.)

ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ସ୍ଥାନୀୟ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଆୟୋଜିତ ଜାନକୀ ପାଢୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ ଭୁବନେଶ୍ୱର ଜଗା ୟୁନିଟ ଓ କଟକର ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୨-୧ ଗୋଲ ବ୍ୟବଧାନରେ କଟକ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧରେ କଟକ ଦଳ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ ସ୍କୋର କରିଥିଲା । ହେଲେ ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦଳ ଗୋଟିଏ ମାତ୍ର ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଫଳରେ କଟକ ଟିମ୍ ବିଜୟୀ ଘୋଷିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ଦଳକୁ ଚାମ୍ପିୟନ ଟ୍ରଫି ସହିତ ୧୫ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ୍‌ର ଆର୍ତ୍ତତ୍ରାଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଛି। ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡା, ଖେଳ ଶିକ୍ଷକ ଭଞ୍ଜକିଶୋର ଯତି, ବୋଲଗଡ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ବୀର କିଶୋର ଦାସ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ଫ୍ରେଣ୍ଡସ୍ କ୍ଲବ କର୍ମକର୍ତ୍ତା ଜିତେନ୍ଦ୍ର ମାର୍ଥା ପ୍ରମୁଖ ମଞ୍ଚାସୀନ ଥିଲେ।




ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି ଅତିଥି।

### ୧୯୬୮ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

ନୟାଗଡ଼ ଅଫିସ,୧୯।୧୨

ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟର ୧୯୬୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଆଶୀର୍ବାଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଉନ୍ନତି ପାଇଁ ସହପାଠୀମାନେ ଅର୍ଥରାଶି ପ୍ରଦାନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। କୃଷ୍ଣ କୁମାର ପଟ୍ଟନାୟକ ୫୦ ହଜାର ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ ତତ୍କାଳୀନ ଶିକ୍ଷକ ସୁଧୀର କୁମାର ଦାସଙ୍କୁ ଛାତ୍ରମାନେ ସମ୍ବର୍ଦ୍ଧିତ କରିଥିଲେ।

### ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ



ମହାଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା।

ଭାପୁର,୧୯।୧୨(ଡି.ଏନ୍.ଏ.)

ଭାପୁର ବ୍ଲକ ବାଇଗୁଣିଆ ଗ୍ରାମ ଓଡ଼ସାହିର ଓଡ଼ିଆକୁଳ ଯୁବକ ସଂଘ ତରଫରୁ ଆୟୋଜିତ ମହାଲକ୍ଷ୍ମୀଙ୍କ ୨୯ତମ ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଲବକୁଶ ଜନ୍ମ, ରାମ ହନୁମାନ ଯୁଦ୍ଧ, ବାଳି ବଧ, ଇନ୍ଦ୍ରଜିତ ବଧ ଭଳି ରାମାୟଣର ବିଭିନ୍ନ ବିଷୟରେ ରାମନାଟକ ମଞ୍ଚସ୍ଥ ହୋଇଥିଲା। ଯୁବକ ସଂଘ କର୍ମକର୍ତ୍ତା ଓ ଗ୍ରାମବାସୀ ବାଣ, ରୋଶଣି ସହ ମା'ଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ବିସର୍ଜନ କରିଥିଲେ।

### ସମାଜରେ ଭଲ ମଣିଷ ହେବା ନିହାତି ଆବଶ୍ୟକ

ରଣପୁର, ୧୯।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଖୋର୍ଦ୍ଧା ବିଭାଗର ପ୍ରମୁଖ କୁଳମଣି ମିଶ୍ର, ସମ୍ମାନୀତ ଅତିଥି ଭାବେ ରଣପୁର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ସବିତା ଦାସ, ରଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ କେଳୁ ଚରଣ ମାର୍ଥା ପ୍ରମୁଖ ଯୋଗ ଦେଇଥିଲେ । ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଏହି ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ରଥ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଆଜିର ଦୁନିଆରେ ଭଲ ମଣିଷଟିଏ ହେବା ପାଇଁ ବିଧାୟକ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସିପ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ମହିଳାଙ୍କୁ ବଳାତ୍କାର: ଜେଲ ଗଲେ ଅଭିଯୁକ୍ତ

ରଣପୁର,୧୯।୧୨(ସ୍ୱ.ପ୍ର.)

ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ରଣପୁର ଥାନା ପୋଲିସ ଗୁରୁବାର ବାଉଁଶଗଡ ପଞ୍ଚାୟତ ଗଡଡିଆପଡା ଗାଁର ମାନସ ବେହେରା (୨୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ମାନସଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ରଣପୁର ଥାନା ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଓ ମାନସ ଦୁଇ ବନ୍ଧୁ ଥିଲେ। ଉଭୟ ରଣପୁର ବ୍ଲକର ବିଭିନ୍ନ ଗାଁକୁ କାମଧନ୍ଦା କରିବାକୁ ଯାଆନ୍ତି। କୌଣସି ଏକ କାମରୁ ଆଣିଥିବା ୧୧୦୦ ଟଙ୍କାରୁ ପୀଡିତାଙ୍କ ସ୍ୱାମୀ ମାନସଙ୍କୁ ୧ ହଜାର ଟଙ୍କା ଦେଇ ପରେ ଅବଶିଷ୍ଟ ଦେବେ ବୋଲି କହିଥିଲେ। ତେବେ ଉକ୍ତ ଟଙ୍କା ପାଇଁ ମାନସ ବାରମ୍ବାର ତାଙ୍କ ଘରକୁ ମାଗିବାକୁ ଯାଉଥିଲେ। କାର୍ତ୍ତିକ ପୂର୍ଣ୍ଣିମାର ୪ଦିନ ପୂର୍ବରୁ ଟଙ୍କାପାଇଁ ତାଙ୍କ ଘରକୁ ଯାଇଥିବାବେଳେ ସ୍ୱାମୀଙ୍କ ଅନୁପସ୍ଥିତିରେ ମହିଳାଙ୍କୁ ମାନସ ବଳାତ୍କାର କରିଥିଲେ। ଏପରି କି ସେ ସମୟର କିଛି ଫଟୋକୁ ମୋବାଇଲରେ ଉଠାଇ ନେଇଥିଲେ। ଉକ୍ତ ଫଟୋକୁ ଦେଖାଇ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଦମ୍ପତିଙ୍କୁ ବ୍ଲାକମେଲିଂ କରୁଥିଲେ । ପୀଡିତାଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୨୭୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ପୁରୀ ଜିଲାରେ ଆଜିଠୁ ଧାନକିଣା

ପୁରୀ ଅଫିସ, ୧୯।୧୨

ଖରିଫ ଋତୁ ନିମନ୍ତେ ଶୁକ୍ରବାରଠାରୁ ପୁରୀ ଜିଲାରେ ଧାନ କିଣାଯିବ। ୨୦୨୦ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ୧୧ଟି ବ୍ଲକର ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ। ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛି ପ୍ରଶାସନ। ଖରିଫ ଋତୁରେ ୭ଲକ୍ଷ ୨୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

■ ବାଲ୍ୟବିବାହ ନିଷେଧ କର୍ମଶାଳା

## ପ୍ରତି ୩ ଜଣରେ ଜଣେ ଝିଅ ବାଲ୍ୟବିବାହ କରୁଛନ୍ତି

ଗଣିଆ,୧୯।୧୨(ଡି.ଏନ.ଏ.)

ଜିଲା ପ୍ରଶାସନ ନୟାଗଡ, ଆକ୍ସନଏଡ୍ ଓ ୟୁନିସେଫ୍‌ର ମିଳିତ ଉଦ୍ୟମରେ ଗଣିଆ ବ୍ଲକ ସଦ୍‌ଭାବନା ଗୃହ ପରିସରରେ ଗୁରୁବାର ବାଲ୍ୟବିବାହ ନିଷେଧ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଗଣିଆ, ଭାପୁର,ଦଶପଲ୍ଲା ଓ ନୂଆଗାଁ ବ୍ଲକର ୫୦ରୁ ଊର୍ଦ୍ଧ୍ୱ କିଶୋରୀ, ବାଳିକାଙ୍କ ସମେତ ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଏବଂ ଗଣିଆ ବ୍ଲକର ନିର୍ବାଚିତ ଜନପ୍ରତିନିଧିମାନେ ଯୋଗଦେଇଥିଲେ । ବିଗତ ବର୍ଷ ତୁଳନାରେ ଜିଲାରେ ବାଲ୍ୟବିବାହ ପରିମାଣ କମିଥିଲେ ହେଁ ପ୍ରତି ତିନିଜଣରେ ଜଣେ ଝିଅ ବାଲ୍ୟ ଅବସ୍ଥାରେ ବିବାହ କରୁଥିବା ଜଣାପଡିଛି । ତେବେ କମ୍ ବୟସରେ ଝିଅମାନଙ୍କ ବିବାହ ହେବା ଦ୍ୱାରା ସେମାନଙ୍କର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ପଡିଥାଏ । ସେହିପରି ବାଲ୍ୟବିବାହ ହେବା ଦ୍ୱାରା ମାତୃତ୍ୱ ସମୟରେ ଉଭୟ ମା' ଓ ଶିଶୁ ରକ୍ତହୀନତା ଏବଂ ଅପପୁଷ୍ଟିର ଶିକାର ହୋଇଥାନ୍ତି। ଏଭଳି ଏକ ଉଦ୍‌ବେଗଜନକ ଘଟଣାକୁ ନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ସହ ଏହାକୁ ରୋକିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ଆରମ୍ଭ କରି ଅଙ୍ଗନୱାଡି କର୍ମୀ, ଗାଁ ମୁଖିଆ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି ଓ ନିର୍ବାଚିତ ଜନ ପ୍ରତିନିଧିମାନେ ବ୍ୟାପକ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ସମାଜରେ ମହିଳାମାନଙ୍କ ପ୍ରତି ଘଟୁଥିବା ହିଂସାକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲ୍ୟବିବାହର ପ୍ରମୁଖ କାରଣ, ନିରାକରଣ ଓ ଆଇନଗତ ଦିଗ ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ଆକ୍ସନଏଡର ଜିଲା ସଂଯୋଜକ ପ୍ରୀୟବ୍ରତ ଶତପଥୀ ବିସ୍ତୃତଭାବେ ଆଲୋଚନା କରିଥିଲେ । ଦଶପଲ୍ଲା ବ୍ଲକର ଜଣେ ନାବାଳିକା ଓ ଗଣିଆ ବ୍ଲକ ବଡଶଲିଙ୍ଗା ପଞ୍ଚାୟତର ଜଣେ ନାବାଳିକା କିଭଳି ଭାବେ ନିଜସ୍ୱ ଉଦ୍ୟମରେ ପ୍ରଶାସନ ନିକଟରେ ପହଞ୍ଚି ନିଜର ବାଲ୍ୟବିବାହକୁ ରୋକିବାରେ ସମର୍ଥ ହୋଇ ଜିଲା ଓ ରାଜ୍ୟସ୍ତରରେ ଉଦାହରଣ ସୃଷ୍ଟି କରି ପୁରସ୍କୃତ ହୋଇପାରିଥିଲେ ସେ ସମ୍ପର୍କରେ କୁହାଯାଇଥିଲା। ସେହିପରି ନାବାଳିକାମାନେ ସାହସର ସହ ନିଜ ଗ୍ରାମ ଓ ଅଞ୍ଚଳରେ ହେଉଥିବା ବାଲ୍ୟବିବାହ ରୋକିବା ପାଇଁ କିପରି ପଦକ୍ଷେପ ନେଉଛନ୍ତି ସେ ସମ୍ପର୍କରେ ନିଜସ୍ୱ ଅନୁଭୂତି ବଖାଣିଥିଲେ । ଆୟୋଜିତ କର୍ମଶାଳାକୁ ଗଣିଆ ମହିଳା ଓ ଶିଶୁ ବିକାଶ ଅଧିକାରୀ ତଥା ବାଲ୍ୟବିବାହ ନିଷେଧ ଅଧିକାରୀ ଲକ୍ଷ୍ମୀ ଦାଶ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବିଡିଓ ମାନସ ରଞ୍ଜନ ସାମଲ, ଏବିଡିଓ ସରୋଜ କୁମାର ନାୟକ ଓ ନୂଆଗାଁ ବ୍ଲକ ସିଡିପିଓ ଶୁଭ୍ରକେଶୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି ଓ କିଶୋରୀମାନେ।

## ସଦାଶିବ ମେମୋରିଆଲ କ୍ରିକେଟ: କାଇପଦର ଫାଇନାଲରେ

ଭାପୁର,୧୯।୧୨(ଡି.ଏନ୍.ଏ.)

ଭାପୁର ବ୍ଲକ ଫତେଗଡ଼ ଗ୍ରାମର ଯୁବକସଂଘ ଆନୁକୂଲ୍ୟରେ ନାଳିସାଗର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ୧୦ମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ଖେଳରେ କାଇପଦର କ୍ରିକେଟ କ୍ଲବ ୮ ଉଇକେଟରେ ସୁରପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂ କରି ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର ସ୍ପୋର୍ଟିଂ କ୍ଲବ କାଇପଦର ୧୨.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୨୫ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଦୀପକ ବେହେରା ୨୬ ବଲରୁ ୫୦ ରନ ସଂଗ୍ରହ କରିବା ସହ ବୋଲିଂରେ ୩ଟି ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ। ଅତିଥି ଭାବେ ଭାପୁର ସରପଞ୍ଚ ପ୍ରସନ୍ନ କୁମାର ନାୟକ ଓ ନିମାଣୀ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାଇଜିଂ ଷ୍ଟାର କୁମାରବସ୍ତ ଓ ମଞ୍ଚେଶ୍ୱର କ୍ରିକେଟ ଭୁବନେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ଖେଳାଳି।